୧୫ ମାର୍ଚ୍ଚ ୨୦୨୬ ରବିବାର




# ମୃତ୍ୟୁ ଅଧିକାର




ଇଚ୍ଛାମୃତ୍ୟୁ ଶବ୍ଦଟି ଶୁଣିଲେ ସମସ୍ତଙ୍କ ମନରେ ଭୟ ଓ ଅସହାୟତା ସୃଷ୍ଟି କରିଥାଏ । ନିଜ ଜୀବନ ନିଜେ ହାରିବା ପାଇଁ କିଏ ବା କାହିଁକି ଚାହିଁବ, ହେଲେ ବେଳେବେଳେ ଜୀବନରେ ପରିସ୍ଥିତି ଏଭଳି ଆସେ ଯେ ଜଣେ ଏହା କରିବା ଶ୍ରେୟ ଭାବଥାଏ । କେଉଁଠି କିଏ ନିଜେ ଏହି ଇଚ୍ଛା ମୃତ୍ୟୁର ଅନୁମତି ପାଇଁ ଆବେଦନ କରୁଥିବାବେଳେ କେଉଁଠି ପ୍ରିୟଜନମାନେ ଏହି ନିଷ୍ପତ୍ତି ନେଇଥାଆନ୍ତି । ତେବେ ନିକଟରେ ଭାରତରେ ପ୍ରଥମଥର ପାଇଁ ଏଭଳି ଘଟଣା ଘଟିଛି, ପ୍ରଥମଥର ପାଇଁ ଜଣେ ରୋଗୀଙ୍କୁ

**ଜୀବନର ମୃତ୍ୟୁ ହେଲା ଏକ ଏଭଳି ସତ୍ୟ ଯାହାକୁ କେହି ଏଡାଇ ପାରିବେ ନାହିଁ । ସେହିଭଳି ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ସମୟ କାହାରିକୁ ଜଣା ନଥାଏ, ହେଲେ ଜୀବନ ବେଳେବେଳେ ଏଭଳି ଦୁଃସହ ହୋଇପଡେ ଯେ ଜଣେ ବ୍ୟକ୍ତି ନିଜ ମରଣର ଇଚ୍ଛା ନିଜେ କରିଥାଏ । ଏହି ପ୍ରକ୍ରିୟାକୁ ଔପଚାରିକ ଭାଷାରେ ଇଚ୍ଛାମୃତ୍ୟୁ କହିଥାଆନ୍ତି ।**



ମିଳିଛି ଇଚ୍ଛାମୃତ୍ୟୁର ଅନୁମତି । ଦୀର୍ଘ ୧୩ ବର୍ଷର ଅପେକ୍ଷା ଓ ମର୍ଯ୍ୟାଦାର ସହ ବିଦାୟ ମିଳିଛି ଉତ୍ତରପ୍ରଦେଶର ହରିଶଙ୍କୁ । ଭାରତର ନ୍ୟାୟିକ ଇତିହାସରେ ବୁଧବାର ଦିନ ଏକ ଅଭୂତପୂର୍ବ ଅଧ୍ୟାୟ ଯୋଡ଼ି ହୋଇଛି । ଗତ ୧୩ ବର୍ଷ ଧରି କୋମାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ୩୧ ବର୍ଷୀୟ ଯୁବକ ହରିଶ ରାଣାଙ୍କୁ ସୁପ୍ରିମକୋର୍ଟ 'ପାସିଭ୍ ଇଉଥାନେସିଆ' ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଗାଜିଆବାଦର ବାସିନ୍ଦା ହରିଶ ଦୀର୍ଘ ସମୟ ଧରି ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ଥିବା ବେଳେ, ଦେଶରେ ଏଭଳି ମାମଲାରେ ଏହା ପ୍ରଥମ ଐତିହାସିକ ନିଷ୍ପତ୍ତି । ଜଷ୍ଟିସ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମର୍ମସ୍ପର୍ଶୀ ମାମଲାର ଶୁଣାଣି କରି ଏମ୍ସକୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ହରିଶଙ୍କ ଶରୀରରୁ ଲାଇଫ୍ ସପୋର୍ଟ ସିଷ୍ଟମକୁ ପର୍ଯ୍ୟାୟକ୍ରମେ ହଟାଇ ଦିଆଯାଉ, ଯାହାଫଳରେ ସେ ଶାନ୍ତିର ସହ ଶେଷ ନିଶ୍ୱାସ ତ୍ୟାଗ କରିପାରିବେ। ତେବେ ଏହି ସମଗ୍ର ପ୍ରକ୍ରିୟା ସମୟରେ ରୋଗୀଙ୍କ 'ମାନବୀୟ ମର୍ଯ୍ୟାଦା' ଯେପରି କ୍ଷୁଣ୍ଣ ନ ହୁଏ, ସେଥିପ୍ରତି ସତର୍କ ରହିବାକୁ ଡାକ୍ତରଖାନାକୁ କୁହାଯାଇଛି । ହରିଶଙ୍କ ପିତା ଅଶୋକ ରାଣା ଏବଂ ମାତା ନିର୍ମଳା ରାଣା ନିଜ ପୁଅର ଏହି ଯନ୍ତ୍ରଣାଦାୟକ ସ୍ଥିତିକୁ ଦେଖି କୋର୍ଟଙ୍କ ଦ୍ୱାରସ୍ଥ



ହୋଇଥିଲେ । ପୁଅର କଷ୍ଟରୁ ମୁକ୍ତି ଦେବା ପାଇଁ ସେମାନେ କରିଥିବା ଆକୁଳ ନିବେଦନକୁ ଶେଷରେ ନ୍ୟାୟିକ ମାନ୍ୟତା ମିଳିଛି । ଏହି ନିଷ୍ପତ୍ତି କେବଳ ହରିଶଙ୍କ ପରିବାର ପାଇଁ ନୁହେଁ, ବରଂ ଭାରତରେ 'ଜୀବନର ଅଧିକାର' ସହିତ 'ମର୍ଯ୍ୟାଦାପୂର୍ଣ୍ଣ ମୃତ୍ୟୁର ଅଧିକାର'କୁ ନେଇ ଚାଲିଥିବା ବିତର୍କରେ ଏକ ନୂଆ ମୋଡ଼ ଆଣିଛି ।

## କିଭଳି ଥିଲା ଘଟଣା

ଦିଲ୍ଲୀରେ ଜନ୍ମିତ ହରିଶ ରାଣା ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବିଟେକ୍‌ର ଜଣେ ମେଧାବୀ ଛାତ୍ର ଥିଲେ, କିନ୍ତୁ ୨୦୧୩ ମସିହାର ଏକ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା । ହଷ୍ଟେଲର ଚତୁର୍ଥ ମହଲାରୁ ଖସିପଡ଼ିବା ପରେ ତାଙ୍କର ସମଗ୍ର ଶରୀର ପକ୍ଷାଘାତର ଶିକାର ହୋଇଥିଲା ଏବଂ ସେ କୋମାକୁ ଚାଲିଯାଇଥିଲେ । ସେବେଠାରୁ ହରିଶ କିଛି କହିପାରୁନାହାନ୍ତି କିମ୍ବା କିଛି ଅନୁଭବ ମଧ୍ୟ କରିପାରୁନାହାନ୍ତି । ଡାକ୍ତରମାନେ ତାଙ୍କୁ 'କ୍ୱାଡ୍ରିପ୍ଲେଜିଆ' ରୋଗରେ ପୀଡ଼ିତ ବୋଲି ଘୋଷଣା କରିଥିଲେ, ଯେଉଁଥିରେ ରୋଗୀ ସମ୍ପୂର୍ଣ୍ଣ ରୂପେ ଫିଡିଙ୍ଗ୍ ଟ୍ୟୁବ୍ ଏବଂ ଭେଣ୍ଟିଲେଟର ସପୋର୍ଟ ଉପରେ ନିର୍ଭରଶୀଳ ହୋଇଯାଏ । ଏହି ସ୍ଥିତିରେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାର କୌଣସି ଆଶା ନଥିବା ବେଳେ ଗତ ୧୩ ବର୍ଷ ଧରି ଶେଯରେ ପଡ଼ି ରହିବା କାରଣରୁ ତାଙ୍କ ଶରୀରରେ ଗଭୀର କ୍ଷତ ବା 'ବେଡ୍‌ସୋର୍' ମଧ୍ୟ ସୃଷ୍ଟି ହୋଇଛି । ହରିଶଙ୍କ ଏହି ଅତି ଯନ୍ତ୍ରଣାଦାୟକ ସ୍ଥିତି ପରିବାର ପାଇଁ ମାନସିକ ସ୍ତରରେ ଅସହ୍ୟ ହୋଇପଡ଼ିଛି । ଅନ୍ୟପଟେ ଦୀର୍ଘ ବର୍ଷ ଧରି ଭେଣ୍ଟିଲେଟର, ଔଷଧ ପଛରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ ହୋଇସାରିଥିବାରୁ ପରିବାର ଆର୍ଥିକ ସ୍ତରରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛି । ତେଣୁ ନିଜ ପୁଅର ଇଚ୍ଛାମୃତ୍ୟୁ ପାଇଁ ପରିବାର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାକୁ ମଞ୍ଜୁରୀ ମିଳିଛି ।

## ହରିଶ ରାଣା ମାମଲାରେ ସୁପ୍ରିମକୋର୍ଟଙ୍କ ୪ଟି ନିର୍ଦ୍ଦେଶ

୧. ରୋଗୀଙ୍କୁ ଦିଆଯାଉଥିବା ଚିକିତ୍ସା ସହାୟତାକୁ ପ୍ରତ୍ୟାହାର କରାଯାଇପାରିବ ବା ବନ୍ଦ କରାଯାଇପାରିବ । ଏହି ମାମଲାରେ ସାଧାରଣତଃ ଲାଗୁ ହେଉଥିବା ୩୦ ଦିନର ପୁନର୍ବିଚାର ଅବଧିକୁ ଛାଡ଼ କରିଦିଆଯାଇଛି ।

୨. ରୋଗୀଙ୍କୁ ପେଲିଏଟିଭ୍ କେୟାର ସେଣ୍ଟରରେ ଭର୍ତ୍ତି କରିବା ପାଇଁ ଏମ୍ସ କୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଫଳରେ ଚିକିତ୍ସା ବନ୍ଦ କରିବାର ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇପାରିବ । ପେଲିଏଟିଭ୍ କେୟାର ଅର୍ଥାତ୍ ଏପରି ରୋଗୀଙ୍କୁ ଆରାମ ଦେବା ଭଳି ଚିକିତ୍ସା, ଯାହାଙ୍କର ଆରୋଗ୍ୟ ହେବା ସମ୍ଭବ ନୁହେଁ ।


୩. ରୋଗୀଙ୍କୁ ଘରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାର ସମସ୍ତ ବ୍ୟବସ୍ଥା ଏମ୍ସ କରିବ ।

୪. ଲାଇଫ୍ ସପୋର୍ଟ ହଟାଇବାର ପ୍ରକ୍ରିୟା ଏକ ସ୍ୱତନ୍ତ୍ର ଚିକିତ୍ସା ଯୋଜନା ଅଧୀନରେ କରାଯିବା ଉଚିତ, ଯେପରି ରୋଗୀଙ୍କ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ ।




## କିଭଳି ହୋଇଥାଏ ଇଚ୍ଛାମୃତ୍ୟୁ

ଇଚ୍ଛାମୃତ୍ୟୁ ହେଉଛି ଏକ ସମ୍ବେଦନଶୀଳ ପ୍ରକ୍ରିୟା, ଯେଉଁଠାରେ ଜଣେ ବ୍ୟକ୍ତି ଅସହ୍ୟ ଯନ୍ତ୍ରଣା କିମ୍ବା କୌଣସି ଅସାଧ୍ୟ ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଜୀବନର ଅନ୍ତ ଘଟାଇବାକୁ ଅନୁମତି ମାଗିଥାନ୍ତି । ମୁଖ୍ୟତଃ ଏହା ଦୁଇ ପ୍ରକାରର ହୋଇଥାଏ: 'ଆକ୍ଟିଭ୍ ଇଥାନେସିଆ', ଯେଉଁଠାରେ ଡାକ୍ତରୀ ସହାୟତାରେ ରୋଗୀଙ୍କୁ କୌଣସି ଔଷଧ ଦେଇ ମୃତ୍ୟୁ ପ୍ରଦାନ କରାଯାଏ ଏବଂ 'ପାସିଭ୍ ଇଥାନେସିଆ', ଯେଉଁଥିରେ ରୋଗୀଙ୍କୁ ବଞ୍ଚାଇ ରଖିବା ପାଇଁ





ବ୍ୟବହୃତ ହେଉଥିବା ବାହ୍ୟ ଜୀବନ ରକ୍ଷାକାରୀ ପ୍ରଣାଳୀ ବା ଲାଇଫ୍ ସପୋର୍ଟକୁ ବନ୍ଦ କରିଦିଆଯାଏ । ଭାରତରେ ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି ପରେ 'ନିଷ୍କ୍ରିୟ ଇଚ୍ଛାମୃତ୍ୟୁ' ବା ପାସିଭ୍ ଇଉଥାନେସିଆକୁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ସାପେକ୍ଷରେ ଆଇନଗତ ମାନ୍ୟତା ପ୍ରଦାନ କରାଯାଇଛି । ଏହା ପଛରେ ଯୁକ୍ତି ଦର୍ଶାଯାଏ ଯେ ଜଣେ ବ୍ୟକ୍ତିଙ୍କର ଯେପରି ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି, ସେହିପରି ଅସହ୍ୟ କଷ୍ଟରୁ ମୁକ୍ତି ପାଇ ଏକ ମର୍ଯ୍ୟାଦାପୂର୍ଣ୍ଣ ମୃତ୍ୟୁ ବରଣ କରିବାର ମଧ୍ୟ ଅଧିକାର ରହିଛି । ଯଦିଓ ଏହାକୁ ନେଇ ସମାଜରେ ଅନେକ ନୈତିକ, ଧାର୍ମିକ ଏବଂ ଆଇନଗତ ମତଭେଦ ରହିଛି, ତଥାପି ଚିକିତ୍ସା ବିଜ୍ଞାନରେ ଏହାକୁ ଏକ କରୁଣାମୟ ପଦକ୍ଷେପ ଭାବେ ଦେଖାଯାଏ ଯେତେବେଳେ ଜଣେ ରୋଗୀର ସୁସ୍ଥ ହେବାର ସମସ୍ତ ସମ୍ଭାବନା ଶେଷ ହୋଇଯାଏ । ବିଶେଷଜ୍ଞଙ୍କ ମତରେ, ଇଥାନେସିଆ କେବଳ ଏକ ମୃତ୍ୟୁ ନୁହେଁ, ବରଂ ଏକ ଦୀର୍ଘକାଳୀନ ଅସହ୍ୟ ଶାରୀରିକ ଓ ମାନସିକ ଯନ୍ତ୍ରଣାରୁ ଚୂଡ଼ାନ୍ତ ମୁକ୍ତିର ଏକ ମାର୍ଗ, ଯାହା ପାଇଁ ଏକ ସ୍ପଷ୍ଟ ସରକାରୀ ଆଇନର ଆବଶ୍ୟକତା ଆଜିର ସମୟରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।

## କ'ଣ ରହିଛି ନିୟମ

୨୦୧୮ ମସିହାରେ 'ପାସିଭ୍ ଇଥାନେସିଆ' ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ବୈଧତା ପ୍ରଦାନ କରି ସୁପ୍ରିମକୋର୍ଟ ଦୁଇ ପ୍ରକାରର ନିୟମ ପ୍ରଣୟନ କରିଛନ୍ତି ।

### ୧. ଲିଭିଂ ଉଇଲ ଥିଲେ

ଯଦି ଜଣେ ବ୍ୟକ୍ତି ମାନସିକ ସ୍ତରରେ ସୁସ୍ଥ ଥିବା ସମୟରେ ନିଜ ଇଚ୍ଛାରେ ଏକ 'ଲିଭିଂ ଉଇଲ୍' ଲେଖିଥାନ୍ତି, ତେବେ ତାହା କାର୍ଯ୍ୟକାରୀ ହୋଇଥାଏ। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥାଏ ଯେ, ଯଦି ଭବିଷ୍ୟତରେ ରୋଗୀଙ୍କ ରୋଗ ଅସାଧ ହୋଇଯାଏ ଏବଂ ସୁସ୍ଥ ହେବାର କୌଣସି ସମ୍ଭାବନା ନଥାଏ, ତେବେ ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରୁ ହଟାଇ ଦିଆଯାଉ । ଏଥିପାଇଁ କିଛି ନିୟମ ରହିଛି ଯାହାକୁ ଅନୁକରଣ କରିବାକୁ ହୋଇଥାଏ । ୧୮ ବର୍ଷରୁ ଅଧିକ ବୟସ୍କ ଏବଂ ସୁସ୍ଥ ବ୍ୟକ୍ତି ହିଁ ଲିଭିଙ୍ଗ୍ ଉଇଲ୍ ଲେଖିପାରିବେ। ଏହା ୨ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହେବା ସହ ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଯାଞ୍ଚ ହୋଇଥିବା ଆବଶ୍ୟକ । ଚିକିତ୍ସା କରୁଥିବା ଡାକ୍ତର, ହସ୍ପିଟାଲର ମେଡିକାଲ୍ ବୋର୍ଡ ଏବଂ ଜିଲ୍ଲା ସ୍ତରୀୟ ଏକ ବାହ୍ୟ ମେଡିକାଲ୍ ବୋର୍ଡର ଅନୁମତି ଜରୁରୀ। ଉଭୟ ବୋର୍ଡର ସହମତି ପରେ ହିଁ ଭେଣ୍ଟିଲେଟର ଭଳି ଲାଇଫ୍ ସପୋର୍ଟ ବନ୍ଦ କରାଯାଇପାରିବ । ଏହି ସମଗ୍ର ପ୍ରକ୍ରିୟା ବିଷୟରେ ପରିବାରକୁ ଅବଗତ କରାଯାଏ ଏବଂ କୌଣସି ବିବାଦ ଦେଖାଦେଲେ ହାଇକୋର୍ଟରେ ଅପିଲ୍ କରାଯାଇପାରିବ ।

### ୨. ଲିଭିଂ ଉଇଲ ନଥିଲେ

ଯଦି ରୋଗୀ ସୁସ୍ଥ ଥିବାବେଳେ କୌଣସି ଲିଭିଙ୍ଗ୍ ଉଇଲ୍ ପ୍ରସ୍ତୁତ କରିନାହାନ୍ତି, ତେବେ ତାଙ୍କ ପରିବାର ବା ନିକଟତର ସମ୍ପର୍କୀୟ ଏହି ନିଷ୍ପତ୍ତି ନେଇପାରିବେ । କିନ୍ତୁ ଏହା ଏତେ ସହଜ ନୁହେଁ, ଏଥିପାଇଁ କିଛି ନିୟମ ପାଳନ କରିବାକୁ ପଡ଼ିଥାଏ । ପ୍ରଥମେ ହସ୍ପିଟାଲର ଡାକ୍ତରୀ ବୋର୍ଡ ରୋଗୀଙ୍କ ଅବସ୍ଥା ଯାଞ୍ଚ କରି ଏକ ରିପୋର୍ଟ ପ୍ରସ୍ତୁତ କରନ୍ତି ।କଲେକ୍ଟର ୩ ରୁ ୫ ଜଣ ବିଶେଷଜ୍ଞଙ୍କୁ ନେଇ ଦ୍ୱିତୀୟ ଏକ ମେଡିକାଲ୍ ବୋର୍ଡ ଗଠନ କରନ୍ତି, ଯିଏ ଏହି ରିପୋର୍ଟକୁ ପୁନଃ ଯାଞ୍ଚ କରନ୍ତି । ଉଭୟ ବୋର୍ଡ ସହମତ ହେଲେ ଏହି ନିଷ୍ପତ୍ତିକୁ ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କ ପାଖକୁ ପଠାଯାଏ । ମାଜିଷ୍ଟ୍ରେଟ୍ ନିଜେ ରୋଗୀଙ୍କୁ ଭେଟିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି । ବିବାଦ ସ୍ଥିତିରେ ଏଠାରେ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାର ସୁଯୋଗ ରହିଛି ।


## ପୂର୍ବରୁ ଘଟିଛି ଛାତିଥରା କାହାଣୀ

ଭାରତରେ ପାସିଭ୍ ଇଉଥାନେସିଆ ବା ନିଷ୍କ୍ରିୟ ଇଚ୍ଛାମୃତ୍ୟୁ କ୍ଷେତ୍ରରେ ହରିଶ ରାଣାଙ୍କ ମାମଲା ଏକ ଅନନ୍ୟ ଉଦାହରଣ ଭାବେ ଉଭା ହୋଇଛି, କାରଣ ଏହା ହେଉଛି ଦେଶର ପ୍ରଥମ ମାମଲା ଯେଉଁଠାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଣୀତ ସମସ୍ତ ନିୟମ ଅନୁସରଣ କରାଯାଉଛି । ବାସ୍ତବରେ, ୨୦୧୮ ମସିହାରେ 'କମନ୍ କଜ୍' ମାମଲାରେ ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁ ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଜାରି କରିଥିଲେ, ତାହା ଏପର୍ଯ୍ୟନ୍ତ କୌଣସି ମାମଲାରେ କାର୍ଯ୍ୟକାରୀ ହୋଇନଥିଲା । ତେବେ ଏହା ପୂର୍ବରୁ ୨୦୧୧ ମସିହାର ଐତିହାସିକ 'ଅରୁଣା ଶାନବାଗ୍' ମାମଲା










ହିଁ ଭାରତରେ ପାସିଭ୍ ଇଉଥାନେସିଆକୁ ପ୍ରଥମ କରି ବୈଧ କରିଥିଲା, ଯାହା ପରବର୍ତ୍ତୀ ସମୟରେ ୨୦୧୮ ନିୟମାବଳୀର ଆଧାର ସାଜିଥିଲା । ୧୯୭୩ ମସିହାରେ ମୁମ୍ବାଇର କେଇଏମ ହସ୍ପିଟାଲରେ କାର୍ଯ୍ୟରତ ନର୍ସ ଅରୁଣା ଶାନବାଗ୍ଙ୍କ ଉପରେ ହୋଇଥିବା ବୀଭତ୍ସ ଆକ୍ରମଣ ଓ ଦୁଷ୍କର୍ମ ତାଙ୍କୁ ୪୨ ବର୍ଷ ଧରି କୋମା ଶଯ୍ୟାକୁ ଠେଲି ଦେଇଥିଲା । ତାଙ୍କର ଏହି ଅତି ଗୁରୁତର ସ୍ଥିତିକୁ ଦେଖି ୨୦୦୯ରେ ସାମ୍ବାଦିକା ପିଙ୍କି ବିରାନୀ ସୁପ୍ରିମକୋର୍ଟରେ ଲାଇଫ୍ ସପୋର୍ଟ ହଟାଇବା ପାଇଁ ଆବେଦନ କରିଥିଲେ । ଯଦିଓ ସେତେବେଳେ କୋର୍ଟ ଇଚ୍ଛାମୃତ୍ୟୁକୁ ଏକ ଆଇନଗତ ଅଧିକାର ଭାବେ ସ୍ୱୀକାର କରିଥିଲେ, କିନ୍ତୁ ଅରୁଣା କିଛି ମାତ୍ରାରେ ବିନା ମେସିନ୍ ସାହାଯ୍ୟରେ ଶ୍ୱାସକ୍ରିୟା କରୁଥିବାରୁ ତାଙ୍କୁ ଏହାର ଅନୁମତି ମିଳିନଥିଲା ଏବଂ ଶେଷରେ ୨୦୧୫ରେ ତାଙ୍କର ପ୍ରାକୃତିକ ଭାବେ ମୃତ୍ୟୁ ଘଟିଥିଲା ।

## ପୁଣି ଚର୍ଚ୍ଚାରେ ପାଲି

ଇଚ୍ଛାମୃତ୍ୟୁ ବା 'ପାସିଭ୍ ଇଉଥାନେସିଆ'କୁ ନେଇ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ପରେ ରାଜସ୍ଥାନର ପାଲି ଜିଲ୍ଲା ପୁଣି ଥରେ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ପାଲିର ଆଦର୍ଶ ନଗର ନିବାସୀ ସାମାଜିକ କର୍ମୀ ଡାକ୍ତର ବୈଭବ ଭଣ୍ଡାରୀ ଦେଶର ସେହି କେତେଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯିଏ ପୂର୍ବରୁ ନିଜର 'ଲିଭିଙ୍ଗ୍ ଉଇଲ୍' ବା ସମ୍ମାନର ସହ ମୃତ୍ୟୁବରଣ କରିବାର ଅଧିକାର ସମ୍ବନ୍ଧୀୟ ଇଚ୍ଛାପତ୍ର ପଞ୍ଜୀକୃତ କରିସାରିଛନ୍ତି । ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଥିବା ୩୬ ବର୍ଷୀୟ ଡାକ୍ତର ଭଣ୍ଡାରୀ ପ୍ରାୟ ୧୦ ମାସର ଆଇନଗତ ପ୍ରକ୍ରିୟା ପରେ ଜୁନ୍ ୨୦୨୨ରେ ନିଜର ଏହି ଉଇଲ୍ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ସେ ସ୍ପଷ୍ଟ କରିଛନ୍ତି ଯେ ଯଦି ଭବିଷ୍ୟତରେ ସେ କୌଣସି ଅସାଧ୍ୟ ରୋଗରେ ପୀଡ଼ିତ ହୁଅନ୍ତି କିମ୍ବା କେବଳ ମେସିନ୍ ସାହାଯ୍ୟରେ ତାଙ୍କ ଜୀବନ ବଞ୍ଚି ରହେ, ତେବେ ତାଙ୍କ କ୍ଷେତ୍ରରେ ଇଚ୍ଛାମୃତ୍ୟୁ ପ୍ରକ୍ରିୟା ଆପଣାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ଇଚ୍ଛାମୃତ୍ୟୁ ସହ ପାଲିର ସମ୍ପର୍କ ବହୁ ପୁରୁଣା, କାରଣ ୧୯୮୨ ମସିହାରେ ତତ୍କାଳୀନ ସାଂସଦ ମୂଳଚାନ୍ଦ ଡାଗା ପ୍ରଥମ କରି ସଂସଦରେ ଏହି ପ୍ରସଙ୍ଗ ଉଠାଇ ଜାତୀୟ ସ୍ତରରେ ବିତର୍କ ସୃଷ୍ଟି କରିଥିଲେ; ପରବର୍ତ୍ତୀ ସମୟରେ ୯ ମାର୍ଚ୍ଚ ୨୦୧୮ ରେ ସୁପ୍ରିମକୋର୍ଟ ସମ୍ମାନର ସହ ମୃତ୍ୟୁବରଣ କରିବାକୁ ଏକ ମୌଳିକ ଅଧିକାର ଭାବେ ମାନ୍ୟତା ଦେଇ 'ଲିଭିଙ୍ଗ୍ ଉଇଲ୍' ପାଇଁ ବାଟ ଫିଟାଇଥିଲେ ।

## ଭିନ୍ନ ଦେଶରେ ଭିନ୍ନ ନିୟମ

ସାରା ବିଶ୍ୱରେ ଇଚ୍ଛାମୃତ୍ୟୁକୁ ନେଇ ବିଭିନ୍ନ ଆଇନ ରହିଛି । କେତେକ ଦେଶରେ ଏହା ବୈଧ ହୋଇଥିବା ବେଳେ ଅନ୍ୟ କେତେକ ଦେଶରେ କେବଳ ନିର୍ଦ୍ଦିଷ୍ଟ ସର୍ତ୍ତ ସାପେକ୍ଷ । ଗୋଟିଏ ପକ୍ଷରେ ଏହାକୁ 'ସମ୍ମାନଜନକ ମୃତ୍ୟୁ' କୁହାଯାଉଥିବା ବେଳେ, ଅନ୍ୟ ପକ୍ଷରେ ଏହା ନୈତିକ ଓ ଧାର୍ମିକ ଦୃଷ୍ଟିକୋଣରୁ ବିବାଦୀୟ । ଆସନ୍ତୁ ଜାଣିବା ବିଶ୍ୱର ପ୍ରମୁଖ ଦେଶରେ ଏହାକୁ ନେଇ କ'ଣ ନିୟମ ରହିଛି ।

### ୧. ନେଦରଲ୍ୟାଣ୍ଡ

ବିଶ୍ୱର ପ୍ରଥମ ଦେଶ ଭାବେ ନେଦରଲ୍ୟାଣ୍ଡ ୨୦୦୨ରେ ଇଚ୍ଛାମୃତ୍ୟୁକୁ ବୈଧ କରିଥିଲା । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମୃତ୍ୟୁ ପାଇଁ ସହାୟତା କରିପାରିବେ । ତେବେ ଏଥିପାଇଁ ରୋଗୀର ଯନ୍ତ୍ରଣା ଅସହ୍ୟ ହୋଇଥିବା ଏବଂ ରୋଗ ଭଲ ହେବାର କୌଣସି ସମ୍ଭାବନା ନଥିବା ଜରୁରୀ । ୧୨ ବର୍ଷରୁ ଅଧିକ ପିଲାମାନେ ମଧ୍ୟ ପିତାମାତାଙ୍କ ସହମତିରେ ଏହି ସୁବିଧା ନେଇପାରିବେ ।

### ୨. ବେଲଜିୟମ

୨୦୦୨ ମସିହାରୁ ଏଠାରେ ଇଚ୍ଛାମୃତ୍ୟୁ ବୈଧ । ବେଲଜିୟମରେ ଏଥିପାଇଁ କୌଣସି ବୟସ ସୀମା ନାହିଁ । ଯଦି ଜଣେ ଶିଶୁ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଏବଂ ମାନସିକ ସ୍ତରରେ ନିଷ୍ପତ୍ତି ନେବାକୁ ସକ୍ଷମ, ତେବେ ଡାକ୍ତରୀ ବୋର୍ଡର ଅନୁମତି କ୍ରମେ ତାଙ୍କୁ ଇଚ୍ଛାମୃତ୍ୟୁ ଦିଆଯାଇପାରିବ ।

### ୩. ସ୍ୱିଜରଲ୍ୟାଣ୍ଡ

ଏଠାରେ ସକ୍ରିୟ ଇଚ୍ଛାମୃତ୍ୟୁ ଅବୈଧ, କିନ୍ତୁ 'ସହାୟକ ଆତ୍ମହତ୍ୟା' ୧୯୪୨ରୁ ବୈଧ । ଏଠାରେ ଡାକ୍ତର ରୋଗୀକୁ ମାରିବା ପାଇଁ ଔଷଧ ଦିଅନ୍ତି ନାହିଁ, ବରଂ ଏପରି ଉପକରଣ ବା ଔଷଧ ଯୋଗାଇ ଦିଅନ୍ତି ଯାହାକୁ ରୋଗୀ ନିଜେ ବ୍ୟବହାର କରି ମୃତ୍ୟୁବରଣ କରେ । ବିଦେଶୀମାନେ ମଧ୍ୟ ଏଠାକୁ ଆସି ଏହି ସୁବିଧା ନେଇଥାନ୍ତି ।

### ୪. କାନାଡ଼ା

୨୦୧୬ ମସିହାରେ ଏଠାରେ ଇଚ୍ଛା ମୃତ୍ୟୁକୁ ନେଇ ଆଇନ ପ୍ରଣୟନ କରାଯାଇଛି । ପ୍ରଥମେ ଏହା କେବଳ ମୃତ୍ୟୁମୁଖରେ ଥିବା ରୋଗୀଙ୍କ ପାଇଁ ଥିଲା, କିନ୍ତୁ ପରେ ଏଥିରେ ପରିବର୍ତ୍ତନ କରାଯାଇ ଦୀର୍ଘକାଳୀନ ଅକ୍ଷମତା ବା ଗୁରୁତର ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ମଧ୍ୟ ସାମିଲ କରାଯାଇଛି ।

### ୬. ଆମେରିକା

ଆମେରିକାରେ ସମଗ୍ର ଦେଶ ପାଇଁ ଏକାପରି ଆଇନ ନାହିଁ । ଏହା ରାଜ୍ୟ ଅନୁସାରେ ଭିନ୍ନ । ଓରେଗନ୍, ୱାଶିଂଟନ୍, କାଲିଫର୍ଣ୍ଣିଆ ଏବଂ କଲୋରାଡୋ ଭଳି ୧୦ରୁ ଊର୍ଦ୍ଧ୍ୱ ରାଜ୍ୟରେ 'ଆସିଷ୍ଟେଡ୍ ଡାଇଙ୍ଗ୍' ବୈଧ । କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକରେ ଏହା ନିଷିଦ୍ଧ ।

### ୭. ସ୍ପେନ୍ ଓ ଲକ୍ସେମବର୍ଗ

ଏହି ଦୁଇଟି ୟୁରୋପୀୟ ଦେଶରେ ଇଚ୍ଛାମୃତ୍ୟୁ ଏବଂ ସହାୟକ ଆତ୍ମହତ୍ୟା ଉଭୟ ବୈଧ । ରୋଗୀକୁ ଜଣେ ସ୍ପେନିଶ ନାଗରିକ କିମ୍ବା ସେଠାରେ ରହୁଥିବା ବ୍ୟକ୍ତି ହେବା ଆବଶ୍ୟକ ଏବଂ ଅନ୍ତତଃ ପକ୍ଷେ ଦୁଇଥର ସେ ନିଜର ଇଚ୍ଛା ପ୍ରକାଶ କରିବା ଉଚିତ୍ ।

### ୮. କଲମ୍ବିଆ

ଦକ୍ଷିଣ ଆମେରିକାର ପ୍ରଥମ ଦେଶ ଭାବେ କଲମ୍ବିଆ ୧୯୯୭ରେ ଏହାକୁ ବୈଧ କରିଥିଲା । ଏଠାରେ ମଧ୍ୟ କେବଳ ସେହିମାନଙ୍କୁ ଅନୁମତି ମିଳେ ଯେଉଁମାନଙ୍କର ରୋଗ ସଂପୂର୍ଣ୍ଣ ରୂପେ ଭଲ ହେବାର ସମ୍ଭାବନା ନାହିଁ ।



# ଆରାମ ସହ ଷ୍ଟାଇଲି

ଖରାଦିନେ କେବଳ ପୋଷାକ ନୁହେଁ, ବରଂ ଜୋତା ଚୟନ ମଧ୍ୟ ଆରାମଦାୟକ ହେବା ଜରୁରୀ । ଖରାଦିନ ଆସିବାକୁ ଥିବାରୁ ଏବେଠାରୁ ୱାର୍ଡରବକୁ ସଜାଡି ଦିଅନ୍ତୁ । ଏଥିରେ ଖରାଦିନିଆ ପୋଷାକ ସହିତ କିଛି ଟ୍ରେଣ୍ଡି ଫୁଟୱେରକୁ ସାମିଲ କରନ୍ତୁ ।



## ଷ୍ଟ୍ରାପି ସାଣ୍ଡେଲ

ଏହା ସବୁବେଳେ ଟ୍ରେଣ୍ଡରେ ରହିଥାଏ । ପତଳା ଷ୍ଟ୍ରାପ୍ ଥିବା ସାଣ୍ଡେଲ ପାଦକୁ ଖୋଲା ରଖିବା ସହ ଏକ କ୍ଲାସି ଲୁକ୍ ଦେଇଥାଏ । ଏହାକୁ ଆପଣ ଜିନ୍ସ କିମ୍ବା ୱେଷ୍ଟର୍ଣ୍ଣ ଡ୍ରେସ୍ ସହ ପିନ୍ଧିପାରିବେ । ଆରାମ ସହିତ ଷ୍ଟାଇଲିସ ହୋଇଥାଏ ।

## ୱେଭେନ୍ ମ୍ୟୁଲ୍ସ

ବୁଣା ହୋଇଥିବା ଡିଜାଇନ୍‌ର ମ୍ୟୁଲ୍ସ ଏବେ ବହୁତ ପପୁଲାର । ଏହା ଦେଖିବାକୁ ଯେତିକି ସୁନ୍ଦର, ପିନ୍ଧିବାକୁ ସେତିକି ହାଲୁକା । ଏହା ଇଣ୍ଡୋ-ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ଶ୍ରେଷ୍ଠ ବିକଳ୍ପ । କଲେଜ ଯାଉଥିବା ଯୁବପିଢିଙ୍କର ଏହା ବର୍ତ୍ତମାନ ପ୍ରଥମ ପସନ୍ଦ ପାଲଟିଛି ।

## ପ୍ଲାଟଫର୍ମ ହିଲ୍ସ

ଯଦି ଆପଣଙ୍କୁ ଉଚ୍ଚତା ପସନ୍ଦ, ତେବେ ପେନ୍ସିଲ୍ ହିଲ୍ ବଦଳରେ ପ୍ଲାଟଫର୍ମ ହିଲ୍ ବାଛନ୍ତୁ । ଏହା ପାଦକୁ ସ୍ଥିରତା ଦିଏ ଏବଂ ଗରମ ଦିନେ ଚାଲିବାରେ କଷ୍ଟ ହୁଏ ନାହିଁ । ଏହା ଦେଖିବାକୁ ମଧ୍ୟ ଷ୍ଟାଇଲିସ ହୋଇଥାଏ ତେଣୁ ଲୁକକୁ ନେଇ ସମସ୍ୟା ନାହିଁ ।

## କାନଭାସ ସ୍ନିକର୍ସ

ଚମଡ଼ା ଜୋତା ବଦଳରେ କାନଭାସ କପଡ଼ାର ସ୍ନିକର୍ସ ଗ୍ରୀଷ୍ମ ପାଇଁ ଉପଯୁକ୍ତ । ଏହା ପାଦରୁ ଝାଳ ଶୁଖାଇବାରେ ସାହାଯ୍ୟ କରେ ଏବଂ କୁଲ୍ ଲୁକ୍ ଦିଏ ।

## ଏସପାଡ୍ରିଲ୍ସ

ସାମୁଦ୍ରିକ କୂଳ ବା କାଜୁଆଲ୍ ଆଉଟିଂ ପାଇଁ ଏହି ଜୁଟ୍-ସୋଲ୍ ଥିବା ଜୋତା ଏବେ ସବୁଠୁ ଅଧିକ ଡିମାଣ୍ଡରେ ଅଛି । ସମସ୍ତେ ଏହାକୁ ପସନ୍ଦ କରୁଥିବା ଦେଖିବାକୁ ମିଳିଛି । ଏହାର ଅନେକ ଡିଜାଇନ ବଜାରର ମିଳୁଛି ।











## ମୃଣାଳ

mrinalchatterjeeiimc
@gmail.com

## ଆଜି ସକାଳେ

ମୁଁ ନିକଟରେ ଚାକିରିରୁ ଅବସର ନେଇଛି । ଏବେ ମୋ ଜୀବନରେ ଅବସର ହିଁ ଅବସର । ଆଜି ସକାଳେ ଖବରକାଗଜ ପଢ଼ିସରିଲା ପରେ ସୋଫାରେ ଆଉଜି ବସିଛି, ଚା'ଟୋପେ ଟୋପେ ପିଉଚି, ହଠାତ ମନକୁ ଆଧାତ୍ମିକ ଚିନ୍ତା ସବୁ ବର୍ଷାଦିନିଆ ବାଦଲ ଭଳି ମାଡ଼ି ଆସିଲା: ମୁଁ କିଏ ? କଉଠୁ ଆସିଲି ?
କାହିଁକି ଆସିଲି ? କଉଠି ଯିବି ? ଆଖି ବୁଜି ଏଇ ସବୁ ଗଭୀର ବିଷୟରେ ଚିନ୍ତା କରୁଛି, ରୋଷେଇ ଘରୁ କଣ୍ଠସ୍ୱର ଭାସି ଆସିଲା, ତୁମେ ଏକ ନମ୍ବର ଅଳସୁଆ । କେଜାଣି କଉ ଦୁନିଆରୁ ଆସିଛ ! ମୋ ଜୀବନଟାକୁ ଜାଳି ପୋଡ଼ି ଶେଷ କରିବାକୁ ଚାହଁ ତୁମେ । ଶୀଘ୍ର ଗାଧୋଇବାକୁ ଯାଅ । ମୋ ମନକୁ ଆସିଥିବା ଚାରୋଟି ଯାକ ପ୍ରଶ୍ନର ଉତ୍ତର ମିଳିଗଲା । ସମ୍ପୂର୍ଣ ଜ୍ଞାନପ୍ରାପ୍ତ ହୋଇ ମୁଁ ଗାଧୋଇବାକୁ ବାଥରୁମ ଆଡ଼କୁ ପ୍ରସ୍ଥାନ କଲି ।

## ଥିରୁଭରୁର





ଏହା ଭିତରେ ମୁଁ ତାମିଲନାଡୁର ପୂର୍ବ-ଉପକୂଳ ଅଞ୍ଚଳରେ ଅବସ୍ଥିତ ଥିରୁଭୟୁରକୁ ଯାଇଥିଲି । ତାମିଲନାଡୁର ଭାତହାଣ୍ଡି ବୋଲି ପରିଚିତ ଥିରୁଭରୁର ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗୀତିକ, ସାଂସ୍କୃତିକ ଓ ଧାର୍ମିକ କେନ୍ଦ୍ର । ଏଠି ଅନେକ ପ୍ରାଚୀନ ମନ୍ଦିର ରହିଛି । କର୍ଣ୍ଣାଟକୀ ସଂଗୀତ ପାଇଁ ଏହା ଏକ ତୀର୍ଥକ୍ଷେତ୍ର । କର୍ଣ୍ଣାଟକୀ ସଂଗୀତର ତିନିଜଣ ମହାନ ଗୁରୁ- ସେମାନଙ୍କୁ କର୍ଣ୍ଣାଟକ ସଙ୍ଗୀତର ତ୍ରିମୂର୍ତ୍ତି ବୋଲି କୁହାଯାଏ - ତ୍ୟାଗରାଜ, ଶ୍ୟାମ ଶାସ୍ତ୍ରୀ ଓ ମୁଥୁସ୍ୱାମୀ ଦୀକ୍ଷିତ- ସେମାନଙ୍କ ଜନ୍ମ ଏଇ ଭୂମିରେ । ଥିରୁଭରୁର ବିଶାଳ ତ୍ୟାଗରାଜସ୍ୱାମୀ ମନ୍ଦିର ପାଇଁ ପ୍ରସିଦ୍ଧ । ଏଠାରେ ଏସିଆର ସବୁଠାରୁ ବଡ଼ ମନ୍ଦିର ରଥମାନଙ୍କ ମଧ୍ୟରୁ ଗୋଟିଏ ରହିଛି । ତ୍ୟାଗରାଜସ୍ୱାମୀ ହେଲେ ଭଗବାନ ଶିବଙ୍କ ଏକ ରୂପ । ସେ ସୋମାସ୍କନ୍ଦ ରୂପରେ (ଶିବ, ପାର୍ବତୀ ଓ ସ୍କନ୍ଦ ସହିତ) ଅଛନ୍ତି । ତାଙ୍କ ସହଧର୍ମିଣୀ ପାର୍ବତୀ ଏଠାରେ କମଳାମ୍ବିକା (କିମ୍ବା ନୀଳୋତ୍ପଳାମ୍ବିକା) ଭାବେ ପୂଜିତ । ମନ୍ଦିରଟି ପ୍ରଥମେ ପଲ୍ଲବ ଯୁଗରେ ଇଟାରେ ତିଆରି ହୋଇଥିଲା । ପରେ ୯ମ ଶତାବ୍ଦୀରେ ଚୋଳ ବଂଶର ଶାସନକାଳରେ ଏହାକୁ ଗ୍ରାନାଇଟ ଶିଳାରେ ପୁନଃନିର୍ମାଣ କରାଯାଇଥିଲା । ୧୦ମ–୧୧ମ ଶତାବ୍ଦୀରେ ରାଜରାଜ ଚୋଳ ପ୍ରଥମ ଓ ରାଜେନ୍ଦ୍ର ଚୋଳ ପ୍ରଥମଙ୍କ ଶାସନକାଳରେ ମନ୍ଦିରଟିର ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଓ ବିସ୍ତାର ହୋଇଥିଲା । ତିରୁଭରୁର ଜିଲ୍ଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ରହିଛି । ସେଥି ମଧ୍ୟୁକ୍କୁଥାନୁର ମହା ସରସ୍ୱତୀ ମନ୍ଦିର ଓ ଗ୍ରହରାଜ ବୃହସ୍ପତିଙ୍କ ପାଇଁ ପ୍ରସିଦ୍ଧ ଆଲାଙ୍ଗୁଡି ଗୁରୁ ମନ୍ଦିର ଉଲ୍ଲେଖନୀୟ ।

## ପରଲୋକରେ କୁଲକେ, ପାନିକ୍କର

ପାଖାପାଖି ଦୁଇ ଦିନରେ ଦୁଇଜଣ ପ୍ରଖ୍ୟାତ ଐତିହାସିକ ଚାଲିଗଲେ ।ମାର୍ଚ୍ଚ ୯ ତାରିଖରେକେରଳରତିରୁଭନ୍ତପୁରମରେ ୮୯ ବର୍ଷରେ ଚାଲିଗଲେ କେଏନ ପାନିକ୍କର । ମାର୍ଚ୍ଚ ୧୦ ତାରିଖରେ ଚାଲିଗଲେ ପ୍ରଫେସର ହେରମାନ କୁଲକେ । ତାଙ୍କୁ ହୋଇଥିଲା ୮୭ । ଉଭୟେ ଥିଲେ ଇତିହାସର ଶିକ୍ଷକ । ପାନିକ୍କର ଦୀର୍ଘ ବର୍ଷ ଧରି ସେଣ୍ଟର ଫର ହିଷ୍ଟୋରିକାଲ ଷ୍ଟଡିଜ୍‌ରେ ଆଧୁନିକ ଇତିହାସର ପ୍ରଫେସର ଭାବରେ କାମ କରିଥିଲେ । ସେ ଭାରତର ଅଗ୍ରଗଣ୍ୟ ମାର୍କ୍ସବାଦୀ ଇତିହାସବିଦ୍‌ମାନଙ୍କ ମଧ୍ୟରୁ ଜଣେ ଭାବେ ପରିଚିତ । ତାଙ୍କ ଗବେଷଣା ଆଧୁନିକ ଭାରତୀୟ ଇତିହାସରେ ସଂସ୍କୃତି, ରାଜନୀତି, ଧର୍ମ ଓ ସାମାଜିକ ଆନ୍ଦୋଳନର ଅନ୍ତସମ୍ପର୍କକୁ ଆଲୋଚନା କରିଥିଲା । ସେ ଶ୍ରୀ ଶଙ୍କରାଚାର୍ଯ୍ୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି, କେରଳ ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ଏବଂ କେରଳ ହିଷ୍ଟୋରି କଂଗ୍ରେସର ସ୍ଥାପକ ଅଧ୍ୟକ୍ଷ ଭାବେ କାମ କରିଥିଲେ । ପ୍ରଫେସର ପାନିକ୍କର ସାର୍ବଜନୀନ ଆଲୋଚନାରେ ମଧ୍ୟ ଏକ ନିର୍ଭୀକ ସ୍ୱର ଥିଲେ । ବିଶେଷକରି ଶିକ୍ଷା, ସଂସ୍କୃତି ଓ ରାଜନୀତି ସମ୍ବନ୍ଧୀୟ ପ୍ରସଙ୍ଗରେ ।

୧୯୩୮ରେ ବର୍ଲିନରେ ଜନ୍ମଗ୍ରହଣ କରିଥିବା ହର୍ମାନ କୁଲକେ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆର ଇତିହାସ ଅଧ୍ୟୟନରେ ଅତ୍ୟନ୍ତ ସମ୍ମାନିତ ଗବେଷକମାନଙ୍କ ମଧ୍ୟରୁ ଜଣେ । ପ୍ରାଚୀନ ଭାରତର ରାଜ୍ୟ ଗଠନ, ରାଜତ୍ୱ ପ୍ରଣାଳୀ ଏବଂ ଓଡ଼ିଶାର ଆଞ୍ଚଳିକ ପରମ୍ପରା ବିଷୟରେ ତାଙ୍କ ଗବେଷଣା ଇତିହାସବିଦ୍‌ମାନେ ପ୍ରାଚୀନ ଭାରତର ଇତିହାସକୁ ଜାଣିବାରେ ଏକ ନୂତନ ଦୃଷ୍ଟିକୋଣ ଦେଇଥିଲା । ତାଙ୍କ ରଚନା- ବିଶେଷକରି Dietmar Rothermund ସହ ଲେଖା A History of India ଏବଂ Kings and Cults- ଭାରତୀୟ ପ୍ରାଚୀନ ଇତିହାସ ଅଧ୍ୟୟନର ମୂଳ ନିର୍ଦ୍ଦେଶିକା ଭାବେ କାମ କରିଛି । ଭାରତର ଶିକ୍ଷାଜଗତ ସହ ତାଙ୍କ ଗଭୀର ସମ୍ପର୍କ ଥିଲା । ଓଡ଼ିଶା ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ଓଡ଼ିସା ରିସର୍ଚ୍ଚ ପ୍ରୋଜେକ୍ଟ (ORP)ର ସ୍ଥାପକ ସଦସ୍ୟ ଓ ସମନ୍ୱୟକ ଭାବେ ସେ କାମ କରିଥିଲେ । ଜଗନ୍ନାଥ ସଂସ୍କୃତି, ଗଜପତି ରାଜତ୍ୱ ଏବଂ ରାଜ୍ୟ ଗଠନ ବିଷୟରେ ତାଙ୍କ ଉଲ୍ଲେଖନୀୟ ଅଧ୍ୟୟନ ପାଇଁ ସେ ୨୦୧୦ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ ।





## ଏଆଇ ଯୁଗରେ ହୋଲି

ଏ ବର୍ଷ ହୋଲି ଗଲାଣି । ଆର ବର୍ଷ ହୋଲି ବେଳକୁ ବଜାରକୁ ଏଆଇ-ଚାଳିତ ରୋବଟ ଆସି ଯାଇଥିବ । ହୋଲିର ଯଥେଷ୍ଟ ପୂର୍ବରୁ ଏଆଇ-ଚାଳିତ ରୋବଟ ଆପଣଙ୍କୁ ମନେ ପକେଇ ଦେବ - ହୋଲି କେବେ । ଆପଣଙ୍କୁ ଆଉ 'ଶୋଲେ'ର ଗବବର ସିଂହ ଭଳି ପଚାଶ ବର୍ଷ ଧରି ପଚାରିବାକୁ ପଡିବ ନି - ହୋଲି କବ ହୈ, କବ ହୈ ହୋଲି ? ତେବେ ଗ୍ରହ ନକ୍ଷତ୍ର ଗ୍ରହଣ ହିସାବରେ ହୋଲିର ଦିନ ବଦଳି ବଦଳି ଗଲେ- ଏଆଇ ଚାଳିତ ରୋବଟ ବି ସଠିକ ଦିନଟା ଆଗରୁ କହି ପାରିବ କି ନାହିଁ, ମୋର ସନ୍ଦେହ ଅଛି । ଏଆଇ-ଚାଳିତ ରୋବଟ କେବଳ 'ହୋଲି କେବେ' ମନେ ପକେଇ ଦେବନି - ଆପଣଙ୍କୁ ମୁହଁକୁ କେଉଁ ରଙ୍ଗ ମାନିବ, ତାହା କହିଦେବ ଆଉ ସେଇ ରଙ୍ଗ ଇ-କମର୍ସ ସାଇଟରୁ ଅର୍ଡର କରିଦେବ । ହୋଲି ମିଳନ ପାଇଁ ଅତିଥି ତାଲିକା କରି, ସେମାନଙ୍କୁ ଇ-ମେଲ ବି କରିଦେବ । ହୋଲି ଦିନ ସେ ରଙ୍ଗ ଖେଳିବାକୁ ଆସୁଥିବା ଅତିଥିଙ୍କ ପାଇଁ ଜଳଖିଆ ତିଆରି କରିଦେବ । ଟ୍ରେରେ ଜଳଖିଆ ପ୍ଲେଟ ଧରି ପରିବେଷଣ କରିଦେବ । ତେବେ ହୁସିଆର, ଏଆଇ-ଚାଳିତ ରୋବଟକୁ ଦେଶୀ ଭାଙ୍ଗ ପିଆଇ ଦେବେ ନାହିଁ, ସବୁ ଭୁଲଭାଲ କାମ କରିବାକୁ ଲାଗି ଯିବ ।



## କମବ୍ୟାକକୁ ନେଇ ଉତ୍ସାହିତ

ହଲିଉଡରେ ସଫଳତା ପାଇବା ପରେ ଗ୍ଲୋବାଲ୍ ଆଇକନ୍ ପ୍ରିୟଙ୍କା ଚୋପ୍ରା ପୁଣିଥରେ ଭାରତୀୟ ସିନେମାକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି । ନିକଟରେ ଏକ ପୋଡକାଷ୍ଟରେ ନିଜର ହଲିଉଡ୍ ଯାତ୍ରା ବିଷୟରେ ମନଖୋଲି କଥା ହୋଇଛନ୍ତି ପିସି । ଭାରତରେ କାମ କରିବା ସମୟରେ ସେ ନିଜକୁ କିଛିଟା ସୀମିତ ମନେ କରୁଥିଲେ, ଯେଉଁଥିପାଇଁ ସେ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିବାକୁ ଚାହୁଁଥିଲେ । ମିଣ୍ଡି କାଲିଙ୍ଗ୍ ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ପରି କଳାକାରଙ୍କୁ ଦେଖି ସେ ପ୍ରଭାବିତ ହୋଇଥିଲେ ଏବଂ ଜଣେ କଠିନ ପରିଶ୍ରମୀ କଳାକାର ଭାବେ ନିଜ ଉପରେ ଭରସା ରଖି ପଦକ୍ଷେପ ନେଇଥିଲେ । ଦୀର୍ଘ ସାତ ବର୍ଷ ପରେ ସେ ଏସ୍.ଏସ୍. ରାଜାମୌଲିଙ୍କ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ବାରାଣସୀ' ଜରିଆରେ ଭାରତୀୟ ପରଦାକୁ ସେ କମବ୍ୟାକ୍ କରୁଛନ୍ତି । ଏଥିରେ ସେ ମହେଶ ବାବୁ ଏବଂ ପୃଥ୍ୱୀରାଜ ସୁକୁମାରନଙ୍କ ସହ ନଜର ଆସିବେ । ଏହି ମେଗା ବଜେଟ୍ ଫିଲ୍ମଟି ଆସନ୍ତାବର୍ଷ ଏପ୍ରିଲରେ ରିଲିଜ କରାଯିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ସମସ୍ତଙ୍କୁ ପିସିଙ୍କର ଏହି ଫିଲ୍ମ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି ।



## ୧୧ ବର୍ଷପରେ ଏକାଠି

ଦୀର୍ଘ ୧୧ ବର୍ଷପରେ ସାଉଥ ଅଭିନେତ୍ରୀ ତମନ୍ନା ଭାଟିଆ ଓ ସୁପରଷ୍ଟାର ରବି ତେଜାଙ୍କୁ ପରଦାରେ ଏକାଠି ଦେଖିବାକୁ ମିଳିବ । ଦକ୍ଷିଣ ଭାରତୀୟ ସିନେମାର 'ମାସ ମହାରାଜା' ଭାବେ ପରିଚିତ ରବି ତେଜାଙ୍କ ୭୭ତମ ଚଳଚ୍ଚିତ୍ର 'ଇରୁମୁଡ଼ି' ଖୁବ ଶୀଘ୍ର ପରଦାକୁ ଆସିବାକୁ ଯାଉଛି । ତେବେ ଏହି ପ୍ରୋଜେକ୍ଟରେ ଅଭିନେତ୍ରୀ ତମନ୍ନା ଭାଟିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବା ନେଇ ଚର୍ଚ୍ଚା ଜୋର ଧରିଛି । ଯଦି ଏହା ସତ ହୁଏ ତେବେ ୨୦୧୫ର 'ବେଙ୍ଗଲ ଟାଇଗର' ପରେ ଏହି ଯୋଡ଼ି ଦୀର୍ଘ ୧୧ ବର୍ଷ ପରେ ପୁଣିଥରେ ଏକାଠି ପରଦାକୁ ଫେରିବେ । ଶିବ ନିର୍ବାଣଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଭକ୍ତି, ବିଶ୍ୱାସକୁ ନେଇ ନିର୍ମାଣ କରାଯାଇଛି । ଯେଉଁଥିରେ ରବି ତେଜାଙ୍କୁ ପାରମ୍ପରିକ ଚରିତ୍ରରେ ଦେଖିବାକୁ ମିଳିବ । ଏହାର କାହାଣୀ ବାପା-ଝିଅଙ୍କ ସମ୍ପର୍କର ଝଲକ ମଧ୍ୟ ରହିଛି । ପ୍ରିୟା ଭବାନୀ ଶଙ୍କର ଓ ବେବି ନକ୍ଷତ୍ରାଙ୍କ ସମେତ ଅନେକ ନାମୀ କଳାକାର ଏହି ପ୍ରୋଜେକ୍ଟର ଅଂଶବିଶେଷ ଥିବା ଜଣା ପଡିଛି ।



## ପଇସା ଦେଉନି ବିଗ ବସ୍

ଅନେକ ସମୟରେ ବିଗ ବସ ପ୍ରତିଯୋଗୀମାନେ ନିଜ ପାରିଶ୍ରମିକ ମିଳିନଥିବାନେଇ ଅଭିଯୋଗ କରିଥାଆନ୍ତି । ତେବେ ଏହି ତାଲିକାରେ ସାମିଲ ହୋଇଛନ୍ତି ବିଗ୍ ବସ୍-୧୯ର ଟ୍ରଫି ଜିତିଥିବା ଅଭିନେତା ଗୌରବ ଖାନ୍ନା । ନିକଟରେ ସେ ନିଜ ପ୍ରଶଂସକମାନଙ୍କୁ ଜଣାଇଛନ୍ତି ଯେ, ଶୋ' ଜିତିବାର ପ୍ରାୟ ତିନି ମାସ ପରେ ମଧ୍ୟ ତାଙ୍କୁ ଏପର୍ଯ୍ୟନ୍ତ ପ୍ରତିଶ୍ରୁତି ମୁତାବକ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି, କାର୍ କିମ୍ବା ଅନ୍ୟାନ୍ୟ କୁପନ୍ ମିଳିନାହିଁ । ନିଜ ଭ୍ଲଗ୍‌ରେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, କମ୍ପାନୀର ଆଭ୍ୟନ୍ତରୀଣ ଅଡିଟ୍ ପ୍ରକ୍ରିୟା ଯୋଗୁଁ ଏହି ସବୁ ଜିନିଷ ମିଳିବାରେ ସାଧାରଣତଃ ବିଳମ୍ବ ହୋଇଥାଏ । ଜଣେ ଟେଲିଭିଜନ କଳାକାର ଭାବେ ସେ ଏହି ପ୍ରକ୍ରିୟା ବିଷୟରେ ଅବଗତ ଅଛନ୍ତି ଏବଂ କମ୍ପାନୀକୁ ସହଯୋଗ କରୁଛନ୍ତି ବୋଲି ଗୌରବ ମତ ଦେଇଛନ୍ତି । ନିଜର ଶାନ୍ତ ଏବଂ ମାର୍ଜିତ ବ୍ୟବହାର ପାଇଁ ସଲମାନ ଖାନଙ୍କ ପ୍ରଶଂସା ସାଉଁଟିଥିବା ଗୌରବ ଆଶାବାଦୀ ଅଛନ୍ତି ଯେ ଖୁବ୍ ଶୀଘ୍ର ତାଙ୍କୁ ନିଜର ପ୍ରାପ୍ୟ ମିଳିଯିବ । ସେ ବିଗ୍ ବସ୍ ପୂର୍ବରୁ 'ସେଲିବ୍ରିଟି ମାଷ୍ଟର ସେଫ୍'ର ବିଜେତା ମଧ୍ୟ ହୋଇସାରିଛନ୍ତି ।



## ପସନ୍ଦ ଆସୁଛି ଟ୍ରେଲର

ଦକ୍ଷିଣ ଭାରତୀୟ ସିନେମାର ପ୍ରତିଷ୍ଠିତ ଅଭିନେତ୍ରୀ ସାଇ ପଲ୍ଲବୀ ରିଲିଜ ହେବାକୁ ଯାଉଥିବା ରୋମାଣ୍ଟିକ ଡ୍ରାମା 'ଏକ ଦିନ' ଜରିଆରେ ନିଜର ବଲିଉଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି । ଅଭିନେତା ଆମିର ଖାନଙ୍କ ପୁଅ ଜୁନେଦ ଖାନଙ୍କ ବିପକ୍ଷରେ ସେ ଏହି ଫିଲ୍ମରେ ନଜର ଆସିବେ । ଯାହାର ଟ୍ରେଲର ନିକଟରେ ମୁକ୍ତିଲାଭ କରିଛି । ଟ୍ରେଲର ରିଲିଜ ହେବାପରେ ଉଭୟଙ୍କ ଯୋଡିକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ସୁନୀଲ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ୨୦୧୬ର ଥାଇଲାଣ୍ଡ ଫିଲ୍ମ 'ୱାନ ଡେ'ର ହିନ୍ଦୀ ରିମେକ । ଯେଉଁଥିରେ ରୋହନ ନାମକ ଜଣେ ଯୁବକ ନିଜ ସହକର୍ମୀ ମୀରାଙ୍କ ପ୍ରେମରେ ପଡ଼ି ମାତ୍ର ଗୋଟିଏ ଦିନ ପାଇଁ ତାଙ୍କୁ ନିଜ ଜୀବନସାଥୀ ଭାବେ ପାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ଏହାକୁ ନେଇ ଫିଲ୍ମର କାହାଣୀ ଗତିଶୀଳ । ତେବେ ଫିଲ୍ମରେ ଦର୍ଶକ ଏକ ନିଆରା ଅନ୍ଦାଜର ପ୍ରେମ କାହାଣୀ ଦେଖିବାକୁ ପାଇବେ ବୋଲି ଆଶା ରଖିଛନ୍ତି । ଟ୍ରେଲର ଦେଖିବାପରେ ସମସ୍ତେ ଫିଲ୍ମକୁ ନେଇ ଖୁବ ଉତ୍ସାହିତ ଥିବା ସୋସିଆଲ ମିଡିଆରୁ ଜଣା ପଡୁଛି । ସେହିପରି ସାଇ ପଲ୍ଲବୀ ମଧ୍ୟ ନିଜର ବି ଟାଉନ ଡେବ୍ୟୁନେଇ ଖୁବ ଖୁସି ଅଛନ୍ତି ।





## ଶୀଘ୍ର ରିଲିଜ

ଲେଡି ସୁପରଷ୍ଟାର ନୟନତାରା ଏବଂ ଅଭିନେତା କଭିନଙ୍କ ରୋମାଣ୍ଟିକ ଡ୍ରାମା 'ହାଏ' ଆସନ୍ତା ଏପ୍ରିଲ ୨୦୨୬ରେ ପ୍ରେକ୍ଷାଳୟକୁ ଆସିବାନେଇ ସୂଚନା ମିଳିଛି । ଯାହା ପୂର୍ବ ନିର୍ଦ୍ଧାରିତ ମେ ମାସରେ ରିଲିଜ ନହୋଇ ଏପ୍ରିଲରେ ହେବ, ତେବେ ଶୀଘ୍ର ରିଲିଜକୁ ନେଇ ଦର୍ଶକଙ୍କ ଭିତରେ ଖୁବ ଉତ୍ସାହ ଦେଖିବାକୁ ମିଳୁଛି । ବିଷ୍ଣୁ ଏଡାଭାନଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରଟି ଏକ ଆବାସିକ କୋଠାରେ ରହୁଥିବା ଦୁଇଜଣ ଭଡ଼ାଟିଆଙ୍କ ପ୍ରେମ କାହାଣୀ ଉପରେ ଆଧାରିତ ବୋଲି ଚର୍ଚ୍ଚା ହେଉଛି । ନିକଟରେ ଫିଲ୍ମର ଏକ ନୂଆ ପୋଷ୍ଟର ରିଲିଜ୍ ହୋଇଛି, ଯେଉଁଥିରେ ନୟନତାରା ଏବଂ କଭିନଙ୍କୁ ଏକ ସୁନ୍ଦର ଅନ୍ଦାଜରେ ଦେଖିବାକୁ ମିଳିଛି । ନୟନ ତାରାଙ୍କୁ ଆଗକୁ ଯଶଙ୍କ ଅଭିନୀତ 'ଟକ୍ସିକ୍'ରେ ମଧ୍ୟ ଦେଖିବାକୁ ମିଳିବ, ଯାହା ଚଳିତ ବର୍ଷ ଜୁନରେ ପରଦାକୁ ଆସିବବୋଲି ସୂଚନା ରହିଛି । ଉଭୟ ପ୍ରୋଜେକ୍ଟକୁ ନେଇ ନୟନତାରା ବେଶ ଆଶାବାଦୀ ଅଛନ୍ତି । ସେହିଭଳି ଦର୍ଶକ ମଧ୍ୟ ନିଜ ପ୍ରିୟ ହିରୋଇନଙ୍କର ଏକସଙ୍ଗରେ ଦୁଇଦୁଇଟି ପ୍ରୋଜେକ୍ଟ ଆସୁଥିବାରୁ ଖୁବ ଉତ୍ସାହିତ ଅଛନ୍ତି । ଉଭୟ ଫିଲ୍ମ ହିଟ ହେବାନେଇ ସୋସିଆଲ ମିଡିଆରେ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି ।



## ହେଇ ଆଇଲାରେ ହେଇ ଆଇଲା

ହେଇ ଆଇଲାରେ ହେଇ ଆଇଲା
ଘୁଉ ଘୁଉ କରି ପୋଡ଼ି ଜାଳିଲା
ଆଁ କରି ସିଏ ଦେଖାଇ ପାଟି,
ଯାହା ସେ ପାରୁଛି ଗୋଟେଇ ଖାଉଛି
ଏକାଥରକରେ ଦେଉଛି ଚାଟି ॥
ହେଇ ଆଇଲାରେ ହେଇ ଆଇଲା
କଳବଳ କରି ଘାଣ୍ଟି ମାଇଲା
ଶୁଖିଲା ଘାସ ପତର ଦେଖି,
ସବୁ ଚରିଯାଇ ନାରଖାର କରେ
ଆଉ କିଛି ସିଏ ରଖେନା ବାକି ॥
ହେଇ ଆଇଲାରେ ହେଇ ଆଇଲା
ଗାଆଁ ମୁଣ୍ଡେ ନିଆଁ କିଏ ଜାଳିଲା
ହୁତୁ ହୁତୁ ହୋଇ ଜଳୁଛି ସିଏ,
ବିଲ ହୁଡ଼ା ଡେଇଁ ଧାଏଁ ଘାଇଁ ଘାଇଁ
ଲୋକ ପଚାରନ୍ତି ଜାଳିଲା କିଏ ॥
ହେଇ ଆଇଲାରେ ହେଇ ଆଇଲା
ବଣ ରାଇଜକୁ କଳା ଘାଇଲା
ପଶୁପକ୍ଷୀ ଯାକ ବିକଳ ହୋଇ,
ଯିଏ ଯାହା ବାଟେ ଖସି ପଳାଇଲା
ଦୁଃଖ ବୁଝିବାକୁ କେହି ତ ନାହିଁ ॥
ହେଇ ଆଇଲାରେ ହେଇ ଆଇଲା
ବୁଦ୍ଧିଆ ମଣିଷ କ'ଣ ପାଇଲା
ନିଜ ହାତେ ନିଜ ବିନାଶ କରି,
ଲୋକ ଦେଖାଣିଆ ଗଛ ଲଗାଉଛି
କହୁଚି, ରଖିବ ବଣର ଶିରି ॥


**ସଂଗ୍ରାମ କେଶରୀ ପୃଷ୍ଟି**
ରାଜ କିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୬

## କୋଇଲି ରାଣୀ ଆ...

ଡାକେ କୁନିପରୀ ଟିକି ହାତ ଠାରି
ଆମ ଆଗଣାକୁ ଆ... ଆ
ମୋ ସାଥିରେ ମିତ ବସିବୁ କୋଇଲି
ଖୁସିରେ ଗୀତ ତୁ ଗାଆ ॥
କୁହୁକୁହୁ ତୋର କଅଁଳିଆ ସ୍ୱର
ଲାଗଇ ଭାରି ମଧୁର
ତୋ ମିଠା ସଙ୍ଗୀତ ଶୁଣି ଶୁଣିକା ଲୋ
ଦିନ କଟିଯାଏ ମୋର ॥
ଖରା ଝାଞ୍ଜିଟାରେ ବସି ଗଛଡ଼ାଳେ
ଲୁଚୁ ତୁ ପତର ତଳେ
ଆସିବୁକି ମୋର ସାଥିରେ କୋଇଲି
ରହିବୁ ଆମରି ମେଳେ ॥
ବାପାଙ୍କୁ କହିମୁଁ ହାଟରୁ ଆଣିବି
ତୋ ପାଇଁ ଲୋ ମିଠା ଫଳ
ମୁଢ଼ି ଚୁଡ଼ା ଦେଇ ପକ୍ଷୀଙ୍କୁ ଡାକିବି
ଖେଳିବୁ କେତେ ତୁ ଖେଳ ॥
ଭାଇଙ୍କୁ କହି ମୁଁ ସୁନାର ପଞ୍ଜୁରୀ
ତୋ ପାଇଁ ଆଣିବି କିଣି
ରୁପା ଥାଳିଆରେ ଖାଇବୁ ଭାତଲୋ
ପିଇବୁ ମଧୁର ପାଣି ॥
ମୋ ସାଥେ ଖେଳିବୁ ନିତି ତୁ ଖାଇବୁ
ମିଠା ଆମ୍ବ ଦେବି ଆଣି
ମିଠା ଗୀତ ଗାଇ ସୁନା ଝୁଲଣରେ
ଝୁଲିବୁ କୋଇଲି ରାଣୀ ॥
ଖରା ଝଡ଼ ବର୍ଷା ପବନ ବତାସ
ଆସୁ ଯିବୁନାହିଁ ଡରି
ପାଖେ ପାଖେ ତୋର ରହିଥିବି ନିତି
ଗଛର ଛାଇ ଟେ ପରି ॥
ମାଆଙ୍କ ପାଖରୁ ଗୀତ ଗପ ଲୋରୀ
ଶୁଣି ଶୁଣି ଖୁସି ହେବୁ
ଜହ୍ନମାମୁ ଗୀତ ଶୁଣିବୁ ମୋ ସାଥେ
ହୀରା ପଲଙ୍କେ ଶୋଇବୁ ॥
ତୋଠାରୁ ଶିଖିଲି ସହିବା ଗୁଣଟି
ସଙ୍ଗୀତର ମିଠା ସ୍ୱର
ଗାଉଥିବି ନିତି ଖୁସି ମନେ ବସି
ରହିଥିବି ପାଖେ ତୋର ॥

**ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## ଆମେ କି କଲୁ ଦୋଷ




ଗରବ ଦମ୍ଭ ଦେଖାଇ ତୁମେ
ନିଜ ଭିତରେ ଲଢ
ଧର୍ମ ନାମରେ କଳଙ୍କ ଲେପି
ସୂତାରୁ ଖିଅ କାଢ଼ ॥
ନିଜ ବଡ଼ିମା ନିଶାରେ ବୋଧେ
ହେଉଛ ତୁମେ ଘାରି
ସେ ଲାଗି ଆଗପଛ ନ ଭାବି
ବଜାଅ ରଣ ତୂରୀ ॥
ଯାହାତ କଲ କୁନି ପିଲାଏ
କଲେ ତୁମର କିସ
ବୋମା ପକାଇ ଜୀବନ ନେଲ
ତୁଚ୍ଛାରେ କରି ରୋଷ ॥
କୋମଳମତି ଶିଶୁ ସେମାନେ
କିବା କରିଲେ ଦୋଷ
ନିଷ୍ପାପ କଳି ଫୁଟିବା ଆଗୁ
କଲ ତାହାଙ୍କୁ ଶେଷ ॥
ତୁମର ପରାକ୍ରମ ଦେଖାରେ
ପଡ଼ିଲେ ସିଏ ବଳି
ତୁମ ଅସୀମ ନିର୍ଦ୍ଦୟତା କୁ
ପାରିବ କିଏ କଳି ॥
ସଭିଙ୍କୁ ସ୍ନେହ ଆଦରେ ବାନ୍ଧି
ବାକୁ ଦିଅଟି ଶିକ୍ଷା
ଆମଠୁ ବଡ ହୋଇଣ ତୁମେ
କଲନି ତାକୁ ରକ୍ଷା ॥
ଶାନ୍ତି କପୋତ ଡେଣାରେ ଏବେ
ଲଗାଇଅଛ ନିଆଁ
ସାରା ଆକାଶ ବ୍ୟାପିଛି ଦେଖ
ଭୟ ଆତଙ୍କ ଧୂଆଁ ॥
ଭାଇଚାରା ଓ ମାନବିକତା
କାନ୍ଦନ୍ତି ଧରି ରାହା
ଲଢେଇ ଛାଡ଼ି ଶାନ୍ତି ସ୍ଥାପନେ
ହୁଅ ଟିକିଏ ସାହା ॥

**ସୁଧାକର ରାଉତ**
ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ଯୁଦ୍ଧ

କଳି ଗଣ୍ଡଗୋଳ ଯୁଦ୍ଧର ଘଟଣା
ନୁହେଁ କେବେ ଶାନ୍ତି ପଥ
ବୋମା ଗୁଳିଗୋଳା ତୋପର ଗର୍ଜନେ
ଆଲୋଚନା ଭାରି କଷ୍ଟ ॥
ମିତ୍ରତାର ଭାଷା ବଢ଼ାଏ ସଂପର୍କ
ଗଣ୍ଡଗୋଳ କରେ ଦୂର
ମଧୁର ବଚନ କିଣି ନିଏ ମନ
କହିଲେ ମିଳେ ଆଦର ॥
ଆଦର ସମ୍ମାନ ସ୍ନେହ ଶ୍ରଦ୍ଧା ଦେଲେ
ସଂପର୍କ ମଧୁର ହୁଏ
କଥାରେ ଅମୃତ କଥାରେ ବି ବିଷ
ଆପଣା ତୁଣ୍ଡରେ ଥାଏ ॥
ବୁଝାମଣା ପରା କଉଶଳଟିଏ
ବୁଦ୍ଧିମାନ ବ୍ୟକ୍ତି ରଖେ
ସମସ୍ୟାର ସମାଧାନ କରିଦିଏ
ଭାଙ୍ଗି ପଡେ ନାହିଁ ଦୁଃଖେ ॥
ଦଃୁଖଟି କେବଳ କଳିରୁ ମିଳଇ
ମନେ ଥିଲେ କ୍ରୋଧ ହିଂସା
ଯୁଦ୍ଧ ପରିଣାମ କ୍ଷୁଧା ମୃତ୍ୟୁ ଶୋକ
ଉଡିଯାଏ ବିଶ୍ୱ ହଂସା ॥
ଯୁଦ୍ଧରେ ପିଲାଠୁ ବୁଢ଼ା କଳବଳ
ଖାଦ୍ୟାଭାବ ଦେଖାଦିଏ
ବାହାରି ହୁଏନା ଘରୁ ବାହାରକୁ
ମୃତ୍ୟୁ ଚାହିଁ ରହିଥାଏ ॥
ଛାଡ଼ି କଳିଗୋଳ ହିଂସା ଦ୍ୱେଷ ଭାବ
ଅହିଂସା ପଥିକ ହେବା
ସତ୍ୟ ଓ ଶାନ୍ତିର ବିକଳ୍ପ ନୁହଁଇ
ଯୁଦ୍ଧ ଭୟ ବିଭିଷିକା ॥

**ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩





ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.com ରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



# ଡନର ପ୍ରେମିକା

୧୮

ସେପ୍ଟେମ୍ବର ୨୦୦୨, ପର୍ତ୍ତୁଗାଲର ଲିସବନ ସହରର ଟେଜୋ ନଦୀ କୂଳରେ ଏକ ରୋମାଞ୍ଚକର କ୍ରାଇମ୍ ଥ୍ରିଲର ଫିଲ୍ମ ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ସେଠାକାର ପୋଲିସ ଏକ ବିଳାସପୂର୍ଣ୍ଣ ଏସୟୁଭି କାରକୁ ପିଛା କରି ଶେଷରେ ଜଣେ ଭାରତୀୟ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ପାସପୋର୍ଟ ଅନୁଯାୟୀ ତାଙ୍କ ନାମ 'ଅର୍ସଲାନ୍ ମୋହସିନ ଅଲି' ଥିଲେ ମଧ୍ୟ ସେ ଥିଲା ଭାରତର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଆବୁ ସଲେମ । ସେହି ସମୟରେ ପୋଲିସ ତାଙ୍କ ଆପାର୍ଟମେଣ୍ଟରୁ 'ସନା ମଲିକ କମାଲ' ନାମକ ଜଣେ ମହିଳାଙ୍କୁ ମଧ୍ୟ ଗିରଫ କରିଥିଲା, ଯିଏ କି ବଲିଉଡର ଜଣାଶୁଣା ଅଭିନେତ୍ରୀ ମୋନିକା ବେଦୀ ବୋଲି । ମୋନିକା, ଯିଏ ସଲମାନ ଖାନ ଓ ସଞ୍ଜୟ ଦତ୍ତଙ୍କ ଭଳି ବଡ଼ ତାରକାଙ୍କ ସହ ପ୍ରାୟ ୨୫ଟି ଫିଲ୍ମରେ କାମ କରିସାରିଥିଲେ, ସେ ଜଣେ ଅଣ୍ଡରୱାର୍ଲ୍ଡ ଡନ୍ ସହ କିପରି ସମ୍ପର୍କରେ ଆସିଲେ, ତାହା ସମଗ୍ର ଦେଶକୁ ଚକିତ କରିଥିଲା ।

ଆବୁ ସଲେମ ୧୯୯୩ ମୁମ୍ବାଇ ସିରିଏଲ ବ୍ଲାଷ୍ଟ, ଗୁଲଶନ କୁମାରଙ୍କ ହତ୍ୟା ଏବଂ ସଞ୍ଜୟ ଦତ୍ତଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଭଳି ସଂଘାତିକ ମାମଲାରେ ଜଡ଼ିତ ଥିଲା । ନିଜର ଶତ୍ରୁ ତଥା ଅନ୍ୟତମ ଡନ୍ ଛୋଟା ରାଜନ ଓ ଦାଉଦ ଇବ୍ରାହିମଙ୍କ ଗ୍ୟାଙ୍ଗରୁ ବଞ୍ଚିବା ପାଇଁ ସେ ମୋନିକାଙ୍କ ସହ ବିଦେଶରେ ଆତ୍ମଗୋପନ କରିଥିଲା । ଆମେରିକାର ଏଫବିଆଇ ଏବଂ ଭାରତର ସିବିଆଇ ତା'ର ପିଛା କରୁଥିଲେ । ଶେଷରେ ତା'ର ପରମ ଶତ୍ରୁ ଛୋଟା ରାଜନ ହିଁ ପୋଲିସକୁ ସେମାନଙ୍କ ଠିକଣା ବିଷୟରେ ଟିପ୍ ଦେଇଥିଲେ । ପର୍ତ୍ତୁଗାଲ ଜେଲରେ ଥିବା ସମୟରେ ମୋନିକା ଓ ସଲେମଙ୍କ ମଧ୍ୟରେ ଅନେକ ଭାବପ୍ରବଣ ଚିଠି ଆଦାନପ୍ରଦାନ ହୋଇଥିଲା । ମୋନିକା ତାଙ୍କୁ ଗଭୀର ପ୍ରେମ କରିବା ସହିତ ତାଙ୍କ ପାଇଁ ନିଜର ଧର୍ମ ପରିବର୍ତ୍ତନ କରିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଥିଲେ । ତେବେ ପର୍ତ୍ତୁଗାଲରେ ସଲେମଙ୍କ ଚାର୍ଜସିଟ୍ ଦେଖିବା ପରେ ମୋନିକାଙ୍କ ସେହି ଭ୍ରମ ଦୂର ହୋଇଥିଲା । ସେ ଜାଣିବାକୁ ପାଇଲେ ଯେ ଯାହାକୁ ସେ ବ୍ୟବସାୟୀ ଭାବୁଥିଲେ, ସେ ଜଣେ ଭୟଙ୍କର ଅପରାଧୀ ।

୨୦୦୫ରେ ଭାରତ ପ୍ରତ୍ୟାର୍ପଣ ପରେ ମୋନିକାଙ୍କୁ ଜାଲ୍ ପାସପୋର୍ଟ ମାମଲାରେ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ମୋନିକାଙ୍କୁ ସଲେମ ଦୁବାଇରେ ଜଣେ ବ୍ୟବସାୟୀ ଭାବେ ଭେଟିଥିଲେ ବୋଲି ମୋନିକା ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେ ତାଙ୍କ ପ୍ରକୃତ ପରିଚୟ ଜାଣି ନଥିଲେ । ପରେ ସେ ସଲେମଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲେ ଏବଂ ନିଜ ଇଚ୍ଛା ବିରୁଦ୍ଧରେ ସେଠାରେ ତାଙ୍କୁ ରହିବାକୁ ପଡ଼ିଥିଲାବୋଲି ମୋନିକ ସଫେଇ ଦେଇଥିଲେ । ଜେଲରୁ ମୁକୁଳିବା ପରେ ମୋନିକା ନିଜ ଜୀବନକୁ ନୂଆ ରୂପ ଦେବାକୁ ଚେଷ୍ଟା କରିଥିଲେ । ସେ 'ବିଗ୍ ବସ୍-୨'ରେ ଭାଗ ନେଇଥିଲେ, ଯେଉଁଠାରେ ତାଙ୍କ ସରଳ ବ୍ୟବହାର ଦର୍ଶକଙ୍କ ମନ ଜିଣିଥିଲା । ଅନ୍ୟପକ୍ଷରେ, ଆବୁ ସଲେମ ଦାବି କରିଥିଲେ ଯେ ସେମାନେ ୨୦୦୦ ମସିହାରେ ଲସ୍ ଏଞ୍ଜେଲସରେ ବିବାହ କରିସାରିଛନ୍ତି, କିନ୍ତୁ ମୋନିକା ଏହାକୁ ସବୁବେଳେ ପ୍ରତ୍ୟାଖ୍ୟାନ କରିଆସିଛନ୍ତି ।

ଆଜି ଆବୁ ସଲେମ ନାସିକ୍ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ମୋନିକା ବେଦୀ ଏବେ ମଧ୍ୟ ଅବିବାହିତା ଅଛନ୍ତି । ସେ କୁହନ୍ତି ଯେ ଅତୀତର ସେହି ଭୟଙ୍କର ଅଭିଜ୍ଞତା ଯୋଗୁଁ ତାଙ୍କର ପ୍ରେମ ଓ ସମ୍ପର୍କ ଉପରୁ ଭରସା ଉଠିଯାଇଛି । ସେ ଏବେ ଟିଭି ସୋ' ଓ ଆଞ୍ଚଳିକ ଚଳଚ୍ଚିତ୍ରରେ କାମ କରି ନିଜକୁ ବ୍ୟସ୍ତ ରଖୁଛନ୍ତି । ଜଣେ ସଫଳ ଅଭିନେତ୍ରୀରୁ ଜଣେ ଅପରାଧୀର ପ୍ରେମିକା ଓ ପରେ ଜେଲ୍ ଯିବା ପର୍ଯ୍ୟନ୍ତର ଏହି ଯାତ୍ରା ବଲିଉଡ୍ ଇତିହାସର ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଯାଇଛି ।



# ଚତୁର ବିଲୁଆ

ଏହି କାହାଣୀପେଡିରେ ଅନେକ କାହାଣୀ ଥିବାବେଳେ ସେଥିରୁ ଗୋଟିଏ ହେଲା ଚତୁର ବିଲୁଆ । ଆସନ୍ତୁ ଜାଣିବା କଣ ରହିଛି ଏହି କାହାଣୀର ବିଷୟବସ୍ତୁ । ଏକଦା ଗୋଟିଏ ବଡ଼ ଜଙ୍ଗଲ ପାଖ ଦେଇ ବହିଯାଉଥିଲା ଏକ ନଦୀ । ସେହି ନଦୀ କୂଳରେ ଗୋଟିଏ ବହୁତ ଚତୁର ବିଲୁଆ ରହୁଥିଲା । ବିଲୁଆଟି ସବୁବେଳେ କିଛି ନା କିଛି ନୂଆ ଖାଇବା ଖୋଜାରେ ଥାଏ । ଦିନେ ସେ ନଦୀ କୂଳରେ ବୁଲୁ ବୁଲୁ ଦେଖିଲା, ନଦୀର ଆରପାରିରେ ଥିବା କାକୁଡ଼ି ଓ ତରଭୁଜ ବାଡ଼ିରେ ଭାରି ସୁନ୍ଦର ଫଳ ସବୁ ପାଚିଛି । ସେଗୁଡ଼ିକୁ ଦେଖି ବିଲୁଆ ପାଟିରୁ ଲାଳ ବୋହିବାକୁ ଲାଗିଲା, କିନ୍ତୁ ସମସ୍ୟା ଥିଲା ନଦୀଟି ବହୁତ ଗଭୀର ଏବଂ ସେଥିରେ ଅନେକ ଭୟଙ୍କର କୁମ୍ଭୀର ରହୁଥିଲେ । ବିଲୁଆ ପହଁରି ଜାଣି ନଥିଲା, ତେଣୁ ସେ କେମିତି ସେପାରିକୁ ଯିବ ବୋଲି ବଡ଼ ଚିନ୍ତାରେ ପଡ଼ିଲା । ସେହି ସମୟରେ ନଦୀ କୂଳରେ ଗୋଟିଏ ବଡ଼ କୁମ୍ଭୀର ଖରା ପୋଉଁଥିଲା । ତାକୁ ଦେଖି ବିଲୁଆ ମୁଣ୍ଡରେ ଏକ ଚମତ୍କାର ବୁଦ୍ଧି ଜୁଟିଲା । ବିଲୁଆ କୁମ୍ଭୀର ପାଖକୁ ଯାଇ ବହୁତ ଆଦରରେ କହିଲା, "ଆରେ କୁମ୍ଭୀର ଭାଇ ! କେମିତି ଅଛ? ତୁମ ପାଇଁ ଗୋଟିଏ ବହୁତ ବଡ଼ ଖୁସି ଖବର ଅଛି !" କୁମ୍ଭୀରଟି ଆଖି ମଳି ମଳି ପଚାରିଲା, "କଣ ସେ ଖବର? ଶୀଘ୍ର କୁହ!" ବିଲୁଆ ବହୁତ ଗମ୍ଭୀର ହୋଇ କହିଲା, "ଆମ ଜଙ୍ଗଲର ରଜା ସିଂହ ମାମୁଁ ଆଜି ଏକ ବିରାଟ ଭୋଜିର ଆୟୋଜନ କରିଛନ୍ତି । ସେଠାରେ ସବୁ ପ୍ରକାରର ସୁଆଦିଆ ମାଂସ ରନ୍ଧା ହେବ । କିନ୍ତୁ ରଜା ଜାଣିବାକୁ ଚାହୁଁଛନ୍ତି କି ଏହି ନଦୀରେ ମୋଟ କେତେ କୁମ୍ଭୀର ଅଛନ୍ତି, ଯାହାଦ୍ୱାରା ସେ ସମସ୍ତଙ୍କ ପାଇଁ ଯଥେଷ୍ଟ ଖାଦ୍ୟ ପ୍ରସ୍ତୁତ କରିପାରିବେ । ସେ ମୋତେ ଗଣିବା ପାଇଁ ପଠାଇଛନ୍ତି ।" ଭୋଜି କଥା ଶୁଣି କୁମ୍ଭୀର ପାଟିରୁ ଲାଳ ବୋହିଲା । ସେ ସାଙ୍ଗେ ସାଙ୍ଗେ ନଦୀ ଭିତରକୁ ଯାଇ ତାର ସବୁ ସାଙ୍ଗସାଥୀ ଏବଂ ପରିବାର ଲୋକଙ୍କୁ ଡାକି ଆଣିଲା । କୁମ୍ଭୀରଟି କହିଲା, "ବିଲୁଆ ଭାଇ, ଏଇ ଦେଖ ଆମେ ସମସ୍ତେ ଆସିଗଲୁ । ଏବେ ଗଣି ଦିଅ ।" ବିଲୁଆ କହିଲା, "ଏମିତି ଗୋଳମାଳ କଲେ ମୁଁ ଗଣିପାରିବିନି । ତୁମେ ସମସ୍ତେ ନଦୀର ଏପାରିରୁ ସେପାରି ଯାଏଁ ପିଠିକୁ ପିଠି ଲଗାଇ ଏକ ଧାଡ଼ିରେ ଶୋଇପଡ଼ । ତା'ପରେ ମୁଁ ତୁମ ପିଠି ଉପରେ ଚଢ଼ି ଚଢ଼ି ଗଣିବାକୁ ସୁବିଧା ହେବ ।" କୁମ୍ଭୀରମାନେ ବୋକା ଥିଲେ, ସେମାନେ ଜଣକ ପଛରେ ଜଣେ ହୋଇ ଏକ ଲମ୍ବା ପୋଲ ପରି ଶୋଇଗଲେ । ବିଲୁଆ ମନେ ମନେ ବହୁତ ଖୁସି ହେଲା । ସେ ଧୀରେ କରି ପ୍ରଥମ କୁମ୍ଭୀର ପିଠିକୁ ଡେଇଁଲା ଏବଂ କହିଲା— "ଏକ!" ତା'ପରେ ଦ୍ୱିତୀୟ କୁମ୍ଭୀର ପିଠିକୁ ଡେଇଁ କହିଲା— "ଦୁଇ!" ଏହିପରି ସେ ଗଣିଗଣି ଡେଇଁ ଡେଇଁ ନଦୀର ଅଧା ବାଟ ପାର ହୋଇଗଲା । କୁମ୍ଭୀରମାନେ ଭାବୁଥିଲେ ସେମାନେ ଭୋଜି ଖାଇବାକୁ ପାଇବେ, ତେଣୁ ସେମାନେ ଚୁପ୍‌ଚାପ୍ ଶୋଇ ରହିଲେ । ଦେଖୁ ଦେଖୁ ବିଲୁଆ ନଦୀର ଆରପାରିରେ ପହଞ୍ଚିଗଲା । ସେ ସେପାରିରେ ଓହ୍ଲାଇ ଗୋଟିଏ ବଡ଼ ପଥର ଉପରେ ଠିଆ ହୋଇ ଖୁବ୍ ଜୋରରେ



ଆଇମା କାହାଣୀ ପେଡିରେ ସମସ୍ତଙ୍କ ପାଇଁ ଭରିରହିଥାଏ କୁହୁକଭରା କାହାଣୀ । ଏହି କାହାଣୀ ଛୋଟଛୋଟ ପିଲାଙ୍କୁ ଜୀବନର ନୀତିଶିକ୍ଷା ପ୍ରଦାନ କରିଥାଏ । କେବଳ ଛୋଟ ପିଲାନୁହେଁ ବଡମାନେ ମଧ୍ୟ ଏହି କାହାଣୀରୁ ଅନେକ କିଛି ଶିଖନ୍ତି ।

ହସିବାକୁ ଲାଗିଲା । ସେ କହିଲା, "ଆରେ ବୋକା କୁମ୍ଭୀରମାନେ ! କୌଣସି ଭୋଜି ନାହିଁ କି ରଜାଙ୍କର କିଛି ଆଦେଶ ନାହିଁ । ମୋତେ କେବଳ ନଦୀ ପାର ହେବାର ଥିଲା, ଆଉ ତୁମେମାନେ ମୋ ପାଇଁ ପୋଲ ସାଜିଲ । ଏବେ ବସିଥାଅ ଖାଲି ପେଟରେ, ମୁଁ ଯାଉଛି ମିଠା ମିଠା କାକୁଡ଼ି ଖାଇବାକୁ ।" କୁମ୍ଭୀରମାନେ ନିଜ ନିଜ ଭିତରେ କଳି କଲେ, କିନ୍ତୁ ବିଲୁଆଟି ସେତେବେଳକୁ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲା । ବିଲୁଆଟି ନିଜ ବୁଦ୍ଧି ବଳରେ ଦୁଷ୍ଟ ଲୋକଙ୍କୁ ମଧ୍ୟ ଆୟତକୁ ଆଣି ନିଜ କାର୍ଯ୍ୟ କରାଇ ପାରିଥିଲା । ସେହିଭଳି ଜୀବନରେ ଚତୁର ହେଲେ ଯାଇ ସଫଳତା ପ୍ରାପ୍ତ ହେବ । ତେବେ ସବୁବେଳେ ମିଛ କହିବା ଖରାପ । ଯଦି ଏହି ମିଛ କାହାର କୌଣସି କ୍ଷତି କରେ ତେବେ ତାହା ପାପ, ହେଲେ ବେଳେବେଳେ ଜୀବନରେ ଚତୁରତାର ସହିତ ପରିସ୍ଥିତିର ସାମନା କରିବାକୁ ପଡିଥାଏ ।



**ବାଉଁଶ ଫ୍ରେମରୁ ଝୁଲୁଥିବା ଧଳା ରଜନୀଗନ୍ଧା ଫୁଲର ମାଳ, ଗେଣ୍ଡୁ ଫୁଲର ହଳଦିଆ ଆଭା, ପାଖରେ ଥିବା ମାଟି ପାତ୍ର ଏବଂ ବୁଣା ହୋଇଥିବା ଟୋକେଇ ଏସବୁ ସହିତ ପ୍ରବେଶ ପଥରେ ଥିବା କଦଳୀ ଗଛ ଏକ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରୁଥିଲା । ଏହି ବିବାହରେ ନଥିଲା ଚାକଚକ୍ୟ କି ବ୍ୟାଣ୍ଡବାଜା, ବାହାଘରଟି ଖୁବ ସାଦାସିଧାଥିଲା ହେଲେ ଥିଲା ଚର୍ଚ୍ଚିତ ।**



# ସବୁଜ ବିବାହ

ଓଡ଼ିଶାରେ ଆୟୋଜିତ ଏହି ତାମିଲ-ଓଡ଼ିଆ ବିବାହ ୨୦୨୫ ନଭେମ୍ବର ୩୦ ଏବଂ ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଦୁଇ ଦିନ ଧରି ହଳଦୀ, ମେହେନ୍ଦୀ, ହୋମ ପୂଜା, ବିବାହ ଏବଂ ଭୋଜିରେ ପ୍ରାୟ ୪୦୦ ଅତିଥି ସାମିଲ ହୋଇଥିଲେ । ପରିବାରର ମୁଖ୍ୟ ଲକ୍ଷ୍ୟ ଥିଲା—ପରମ୍ପରାକୁ ବଜାୟ ରଖିବା ସହ ବର୍ଜ୍ୟବସ୍ତୁକୁ ସର୍ବନିମ୍ନ କରିବା । ଏହି ବିବିହରେ କନ୍ୟା ସୁଚିତାଙ୍କ ଭଉଣୀ ରୁଚିତା ପତି ଏହି ଦିଗରେ ପ୍ରଥମ ପଦକ୍ଷେପ ନେଇଥିଲେ । ସେ ଭୁବନେଶ୍ୱରର ଓ୍ୱେଷ୍ଟ ମ୍ୟାନେଜମେଣ୍ଟ ଷ୍ଟାର୍ଟଅପ୍ 'ସେବା ଗ୍ରୀନ୍ ସଲ୍ୟୁସନ୍ସ' ର ପ୍ରତିଷ୍ଠାତା ନୀଳିମା ମିଶ୍ରଙ୍କ ସହ ଯୋଗାଯୋଗ କରିଥିଲେ । ଏହି ବିବାହରେ କୌଣସି ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଇନଥିଲା । କାଚ ଗ୍ଲାସରେ ପାଣି ପରଷା ଯାଇଥିଲା । ସାଜସଜ୍ଜାରେ ଫୋମ୍ କିମ୍ବା ପ୍ଲାଷ୍ଟିକ୍ ବଦଳରେ ବାଉଁଶ ଟୋକେଇ, କଦଳୀ ଗଛ ଏବଂ ପ୍ରାକୃତିକ ଫୁଲ ବ୍ୟବହାର କରାଯାଇଥିଲା । ଖାଦ୍ୟ ନଷ୍ଟ ନହେବା ପାଇଁ ଅତି ଅଧିକ ପରିମାଣର ଖାଦ୍ୟ ପରିବର୍ତ୍ତେ ମାତ୍ର ୭-୮ଟି ପାରମ୍ପରିକ ଓଡ଼ିଆ ଏବଂ ତାମିଲ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା । ଓଡ଼ିଆ ଖାଦ୍ୟରେ ଡାଲମା, ବେସର, କଖାରୁ ଫୁଲ ଭଜା, ମଣ୍ଡା ପିଠା, ରସବରା ଥିବାବେଳେ ତାମିଲ ଖାଦ୍ୟରେ ଅଭିୟଲ, ସୁନ୍ଦଲ ଏବଂ ସକ୍କରାଇ ପୋଙ୍ଗଲ ଭଳି ସୁଆଦିଆ ଖାଦ୍ୟ ଥିଲା । ସେହିଭଳି ଅତିଥିମାନଙ୍କୁ ଦିଆଯାଇଥିବା ଉପହାରଗୁଡ଼ିକ ପ୍ଲାଷ୍ଟିକ୍ ବଦଳରେ କପଡ଼ା ବ୍ୟାଗରେ ଦିଆଯାଇଥିଲା । ଏହି ସବୁ ସାମଗ୍ରୀ ସ୍ଥାନୀୟ କାରିଗର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ କିଣାଯାଇଥିଲା । ପିପିଲିର ଚାନ୍ଦୁଆ କାମ ଥିବା କାଠର ମ୍ୟାଗନେଟ୍ ଏବଂ ଜୁଟ୍ ବ୍ୟାଗ୍ ସମସ୍ତଙ୍କ ମନ ଜିଣିଥିଲା । ଏପରିକି ବିବାହର ନିମନ୍ତ୍ରଣ ପତ୍ର 'ସିଡ୍ ପେପର୍' ରେ ତିଆରି ହୋଇଥିଲା, ଯାହାକୁ ମାଟିରେ ପୋତିଲେ ଗଛ ହେବ । ବିବାହକୁ ଆସିଥିବା ସମସ୍ତ ଅତିଥିଙ୍କୁ ଏହା ଖୁବ ପ୍ରେରିତ କରିଥିଲା । ଅନେକ ଅତିଥି ଏହି ଶୈଳୀକୁ ନିଜ ଘରର ବିବାହରେ ଆପଣେଇବାକୁ ମଧ୍ୟ ମନ ବଳାଇଥିବା ଦେଖିବାକୁ ମିଳିଥିଲା । ଆଜିକାଲି ବିବାହରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ଅନେକ ଧୁମଧାମରେ କରାଯାଉଛି । ହେଲେ ଉକ୍ତ ବିବାହ ଗୁଡିକ ପରିବେଶ ପାଇଁ କ୍ଷତିକାରକ ସାଜୁଛି । କିନ୍ତୁ ଏହି ସାଦାସିଧା ବିବାହଟି ପରିବେଶ ଉପଯୋଗୀ ସହିତ ଥିଲା ବେଶ ସ୍ୱତନ୍ତ୍ର ଓ ସୁନ୍ଦର । ସୋସିଆଲ ମିଡିଆରେ ଏହାର ଖୁବ ଚର୍ଚ୍ଚା କରାଯାଉଛି, ସମସ୍ତେ ଉଭୟ ବର କନ୍ୟାଙ୍କର ପରିବାରର ଖୁବ ପ୍ରଶଂସା କରୁଥିବା ନଜରକୁ ଆସୁଛି ।















# ବିଶ୍ୱକପରେ ରେକର୍ଡ ବର୍ଷା

ସଦ୍ୟ ସମାପ୍ତ ଆଇସିସି ଟି-୨୦ ବିଶ୍ୱକପରେ ଭାରତୀୟ ଦଳ କେବଳ ରେକର୍ଡ ତୃତୀୟ ଥର ବିଶ୍ୱକପ୍ ଜିତିନାହିଁ ବରଂ ପ୍ରଥମ ଆୟୋଜକ ଦେଶ ଭାବେ ବିଶ୍ୱକପ୍ ଜିତିବା ଏବଂ ଟାଇଟଲ୍ ଡିଫେଣ୍ଡରେ ସଫଳ ହେବାରେ ବି ଭାରତ ପ୍ରଥମ ଦେଶ ହୋଇଛି । ଅନେକ ରେକର୍ଡ ବି ଏହି ବିଶ୍ୱକପରେ ଭାଙ୍ଗିଛି ।

(୧) ୨୦ ଦେଶକୁ ନେଇ ୩୦ ଦିନର ଯାତ୍ରା, ୫୫ ମ୍ୟାଚର ଲଢ଼େଇ ପରେ ଗୋଟିଏ ବିଜେତା ବାହାରିଛି । କିନ୍ତୁ ଏହି ପ୍ରତିଯୋଗିତା ଅବସରରେ ଅନେକ ନୂଆ କଥା ମଧ୍ୟରୁ ଛକା ବର୍ଷା ହେବା ଅନ୍ୟତମ । ୨୦୨୬ ସଂସ୍କରଣରେ ମୋଟ ୭୮୦ ଛକା ଦେଖିବାକୁ ମିଳିଛି, ଯାହାକି ଗତ ୨୦୨୪ ସଂସ୍କରଣ (୫୧୭ ଛକା) ତୁଳନାରେ ୫୦.୮୭ ପ୍ରତିଶତ ବୃଦ୍ଧି ଘଟିଛି । ବଲ୍ ପିଛା ଛକାର ଅନୁପାତ ୧୫.୫୨ ରହିଛି ଯାହାକି ସମସ୍ତ ଟି-୨୦ ବିଶ୍ୱକପ୍ ସଂସ୍କରଣରେ ଶ୍ରେଷ୍ଠ । ଏହି ୭୮୦ ଛକା ମଧ୍ୟରୁ ଭାରତରେ ଖେଳାଯାଇଥିବା ୩୫ ମ୍ୟାଚରୁ ୬୦୦ ଏବଂ ଶ୍ରୀଲଙ୍କାରେ ଖେଳାଯାଇଥିବା ୨୦ ମ୍ୟାଚରୁ ୧୮୦ ଛକା ଆସିଛି । ଏହି ବିଶ୍ୱକପରେ ବ୍ୟକ୍ତିଗତ ଭାବେ ୪ ଥର ସର୍ବାଧିକ ଛକା ରେକର୍ଡ ଭାଙ୍ଗିଥିଲା । ବିଶ୍ୱକପ୍ ଆରମ୍ଭ ବେଳକୁ ଏହି ରେକର୍ଡ ନିକୋଲାସ ପୂରନ (୧୭ ଛକା, ୨୦୨୪)ଙ୍କ ନାମରେ ଥିଲା । କିନ୍ତୁ ସାହିବଜାଦା ଫରହାନ୍ (୧୮), ସିମ୍ରନ୍ ହେଟମାୟର (୧୯), ଫିନ୍ ଆଲେନ୍ (୨୦) ଏହାକୁ ଭାଙ୍ଗିଥିଲେ ମଧ୍ୟ ଶେଷକୁ ୩ ଚମତ୍କାର ପାଳି ଖେଳି ସଂଜୁ ସାମସନ୍ (୨୪ ଛକା) ନିଜ ନାମରେ କରି ନେଇଛନ୍ତି ।

(୨) ସଂଜୁ ସାମସନ୍ ଏଥର ୪ ମ୍ୟାଚ୍ ଖେଳିପାରି ନଥିଲେ ମଧ୍ୟ ବିଶ୍ୱକପର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । କାରଣ ସେ ସୁପର୍-୮ର ଶେଷ ମ୍ୟାଚ୍, ସେମିଫାଇନାଲ ଓ ଫାଇନାଲରେ ଯଥାକ୍ରମେ ୯୭*, ୮୯, ୮୯ ରନ୍ ସ୍କୋର୍ କରିଥିଲେ । ଅତୀତରେ ଅନ୍ୟ ୪ ଜଣ ସବୁ ମ୍ୟାଚ୍ ନ ଖେଳି ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଥିଲେ, କିନ୍ତୁ ସେମାନେ ମାତ୍ର ଗୋଟିଏ ଲେଖାଏଁ ମ୍ୟାଚରୁ ବଞ୍ଚିତ ରହିଥିଲେ ।

(୩) ଟି-୨୦ ବିଶ୍ୱକପ୍ ଇତିହାସର ଶୀର୍ଷ ୭ ସର୍ବୋଚ୍ଚ ଦଳଗତ ସ୍କୋର୍ ମଧ୍ୟରୁ ୬ଟି ୨୦୨୬ରୁ ମିଳିଛି । କେବଳ ଶ୍ରୀଲଙ୍କାର ୨୬୦/୬ (ବନାମ କେନିଆ, ୨୦୦୭) ପ୍ରଥମ ସଂସ୍କରଣରୁ ଶୀର୍ଷ ସ୍ଥାନ ବହନ କରିଚାଲିଛି । ଏହା ପରଠାରୁ ୩୬୩ ମ୍ୟାଚ୍ ଖେଳାସରିଛି, କିନ୍ତୁ ଶ୍ରୀଲଙ୍କା ରେକର୍ଡ ଅତୁଟ ରହିଛି । ୪ ଥର ଶ୍ରୀଲଙ୍କାର ଏହି ରେକର୍ଡ ଭାଙ୍ଗିବାକୁ ଯାଉଥିଲେ ମଧ୍ୟ ୧୦ ରନ୍ ଦୂରରୁ ଅଟକିଯାଇଛି । ଏହି ୪ଟିରୁ ଭାରତ ୩ ଥର "ଏତେ ପାଖ ଏତେ ଦୂର' ଭଳି ସ୍ଥିତିରେ ରହିଛି ।

(୪) ସଦ୍ୟ ସମାପ୍ତ ବିଶ୍ୱକପରେ ଭାରତ ମୋଟ ୧୫ କ୍ୟାଚ୍ ହାତଛଡ଼ା କରିଛି । ଅନ୍ୟ କୌଣସି ଦେଶ ଏଥର ୧୦ରୁ ଅଧିକ କ୍ୟାଚ୍ ଛାଡ଼ିନାହାନ୍ତି । ପୂର୍ବରୁ ଆଇସିସି ଟି-୨୦ ବିଶ୍ୱକପରେ ସର୍ବାଧିକ ୧୪ କ୍ୟାଚ୍ ଡ୍ରପ୍ ରେକର୍ଡ ଆୟର୍ଲାଣ୍ଡ (୨୦୨୨) ନାମରେ ଥିଲା ।




(୫) ପାକିସ୍ତାନର ସାହିବଜାଦା ଫରହାନ୍ ସର୍ବାଧିକ ୩୮୩ ରନ୍ ସଂଗ୍ରହ କରିଛନ୍ତି । ପ୍ରଥମ ବ୍ୟାଟର୍ ଭାବେ ସେ ବିଶ୍ୱକପରେ ଦୁଇଟି ଶତକ ହାସଲ କରିଥିଲେ । ୫ଟି ଅର୍ଦ୍ଧଶତକ ସହିତ ସେ ପାକିସ୍ତାନ ପାଳିର ୩୭.୩ ପ୍ରତିଶତ ରନ୍ ବି ଯୋଡ଼ିଥିଲେ ।

(୬) ଏଥର ୨୦ଟି ଅର୍ଦ୍ଧଶତକ ଆସିଛି ୨୫ କିମ୍ବା ତା'ଠାରୁ କମ୍ ବଲରୁ । ପୂର୍ବ ୯ ସଂସ୍କରଣରେ ମିଳିତ ଭାବେ ୨୭ଟି ଅର୍ଦ୍ଧଶତକ ଏଭଳି ଭାବେ ମିଳିଥିଲା । କୌଣସି ସଂସ୍କରଣରେ କିନ୍ତୁ ୫ରୁ ଅଧିକ ନଥିଲା ।

(୭) ମୋଟ ୭ ବ୍ୟକ୍ତିଗତ ଶତକର ଛାପ ଛାଡ଼ିଛି ଭାରତ-ଶ୍ରୀଲଙ୍କାର ଏହି ୨୦୨୬ ସଂସ୍କରଣ । ପୂର୍ବ ୯ଟି ମଧ୍ୟରୁ କୌଣସି ଥର ୨ରୁ ଏହା ଅଧିକ ନଥିଲା । ଦୁଇ ଦ୍ରୁତତମ ଶତକ ମଧ୍ୟ ଏହି ବିଶ୍ୱକପରୁ ସଂଗୃହୀତ ହୋଇଛି ।

(୮) ଏଥର ମୋଟ ୧୪ଟି ୨୦୦ ସ୍କୋର୍ ବି ଦେଖିବାକୁ ମିଳିଛି । ପୂର୍ବ ୯ଟି ସଂସ୍କରଣରେ ମିଳିତ ଭାବେ ଏହା ୧୮ ଥିଲା । ୨୦୦୭ ପ୍ରଥମ ସଂସ୍କରଣରେ ଏହା ୫ରେ ସୀମିତ ଥିଲା । ଭାରତର ୬ ଜଣ ବ୍ୟାଟର୍ ୨୦୦ ରନ୍ ସଂଗ୍ରହ କରିଛନ୍ତି । ସେମାନେ ହେଲେ- ଇଶାନ କିଶନ, ସଂଜୁ ସାମସନ୍, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ । କୌଣସି ଟି-୨୦ ଶୃଙ୍ଖଳା କି ପ୍ରତିଯୋଗିତାରେ ଏହା ସର୍ବାଧିକ । ବିଶ୍ୱକପରେ ଅନ୍ୟ କୌଣସି ଦେଶ ୩ରୁ ଅଧିକ ୨୦୦ ବ୍ୟାଟର୍ ପାଇନାହାନ୍ତି । ପ୍ରଥମ ଦେଶ ଭାବେ ଭାରତର ୬ ଜଣ ବ୍ୟାଟର୍ ମଧ୍ୟ ୫୦ ସ୍କୋର୍ କରିଛନ୍ତି । ସେମାନେ ହେଲେ-ଇଶାନ କିଶନ, ସଂଜୁ ସାମସନ୍, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅଭିଷେକ ଶର୍ମା ।

(୯) ବିଶ୍ୱକପରେ ଅନ୍ୟୂନ ୧୦୦ ବଲ୍ ପକାଇଥିବା ବୋଲରଙ୍କ









ମଧ୍ୟରେ ଯଶପ୍ରୀତ ବୁମରା ସର୍ବାଧିକ ୩ଟି ସଂସ୍କରଣରେ ଶ୍ରେଷ୍ଠ ଇକୋନୋମିରେ ବୋଲିଂ କରିଛନ୍ତି । ୨୦୨୧ରେ ୫.୦୮, ୨୦୨୪ରେ ୪.୧୭ ଏବଂ ୨୦୨୬ରେ ୬.୨୧ । ଅନ୍ୟ କୌଣସି ଦେଶର ବୋଲର ଏକରୁ ଆଗକୁ ବଢ଼ିପାରିନାହାନ୍ତି ।

(୧୦) ଭାରତ ସମସ୍ତ ୯ ମ୍ୟାଚରୁ ୧୦୬ ଛକା ମାରିଛି । ପ୍ରଥମ ଦେଶ ଭାବେ ମଧ୍ୟ ସେ ଏ କ୍ଷେତ୍ରରେ ଶତକ କରିଛି । ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଶୃଙ୍ଖଳା କି ପ୍ରତିଯୋଗିତାରେ ୧୦୦ ଛକା ପୂର୍ଣ୍ଣ କରିବାରେ ଭାରତ ପ୍ରଥମ ଦେଶ ।

(୧୧) ୨୦୨୬ ସଂସ୍କରଣ ବିଶ୍ୱକପରେ ବ୍ୟାଟିଂ ଷ୍ଟ୍ରାଇକ୍ ରେଟ୍ (୧୩୯) ସମସ୍ତ ସଂସ୍କରଣ ଭିତରେ ସର୍ବୋଚ୍ଚ । ୨୦୨୪ ସଂସ୍କରଣ (୧୦୯.୯୬) ତୁଳନାରେ ଏହା ୨୬.୪୧ ପ୍ରତିଶତ ବୃଦ୍ଧି ଘଟିଛି ।

(୧୨) ପ୍ରଥମେ ବ୍ୟାଟିଂ କରିଥିବା ଦଳର ହାରାହାରି ବିଜୟ ୫୪.୮୬ ପ୍ରତିଶତ ହୋଇଛି । ସମସ୍ତ ୧୦ ସଂସ୍କରଣରେ ଏହା ସର୍ବୋଚ୍ଚ ରେକର୍ଡ କରିଛି । ପ୍ରଥମେ ବ୍ୟାଟିଂ କରି ବିଜୟୀ ହୋଇଥିବା ୨୯ ମ୍ୟାଚ୍ ମଧ୍ୟରୁ ୧୬ଟିରେ ୫୦ ରନ୍ ବ୍ୟବଧାନ ଦେଖିବାକୁ ମିଳିଛି । ମାତ୍ର ୪ଟିରେ ବିଜୟବ୍ୟବଧାନ ୨୦ରୁ କମ୍ ରହିଛି ।

(୧୩) ଇଟାଲୀ ବିପକ୍ଷରେ ସମାର ଯୋସେଫ ୮ ଓ୍ୱିକେଟ୍ ପତନରେ ଅଂଶୀଦାର ଥିଲେ । ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ଏହି ମ୍ୟାଚରେ ସେ ବୋଲିଂ ବେଳେ ୪ ଓ୍ୱିକେଟ୍ ଦଖଲ କରିବା ସହ ଫିଲ୍ଡିଂ ବେଳେ ୪ କ୍ୟାଚ୍ ନେଇଥିଲେ । ପ୍ରଥମ ଖେଳାଳି ଭାବେ ସେ କୌଣସି ଟି-୨୦ କି ଦିନିକିଆ ଅନ୍ତର୍ଜାତୀୟର ଉଭୟ ବିଭାଗରେ ୪ ସଫଳତା ପାଇଛନ୍ତି । କିନ୍ତୁ ତାଙ୍କ ପୂର୍ବରୁ ୩ ଜଣ ଟି-୨୦ରେ ୮ ଓ୍ୱିକେଟରେ ଅଂଶୀଦାର ଥିଲେ ।

(୧୪) ଯଶପ୍ରୀତ ବୁମରା ଫାଇନାଲ୍ ମ୍ୟାଚରେ ୪-୦-୧୫-୪ ବୋଲିଂ ଚିତ୍ର ସହିତ ଶ୍ରେଷ୍ଠ ଖେଳାଳି ସମ୍ମାନ ପାଇଥିଲେ । କିନ୍ତୁ ଏହା ପୂର୍ବରୁ କୌଣସି ବୋଲର ୪ ଓ୍ୱିକେଟ୍ ସଫଳତା ବିନା ୧୦୦ ପୂର୍ଣ୍ଣ କରି ନଥିଲେ । ବୁମରା ମଧ୍ୟ ଦ୍ୱିତୀୟ ବୋଲର ଭାବେ ଏହି ଫର୍ମାଟର ବିଶ୍ୱକପ୍ ଫାଇନାଲରେ ୪ ଓ୍ୱିକେଟ୍ ସଫଳତା ପାଇଛନ୍ତି । ୨୦୧୨ ମସିହାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅଜନ୍ତା ମେଣ୍ଡିଜ୍ ୪-୦-୧୨-୪ ସଫଳତା ପାଇଥିଲେ ।

(୧୫) ପାଲେକେଲେରେ ଇଂଲଣ୍ଡ ମାତ୍ର ୧୪୬/ ୯ ସ୍କୋର୍ କରିବା ପରେ ଏହାକୁ ଡିଫେଣ୍ଡ କରି ଶ୍ରୀଲଙ୍କାକୁ ହରାଇଥିଲା । ଏହା ପ୍ରତିଯୋଗିତାର ଏକମାତ୍ର ନିମ୍ନତମ ସ୍କୋର୍ ଯାହାକୁ ଦଳ ସୁରକ୍ଷିତ ରଖିପାରିଥିଲା । ମାତ୍ର ୧୨ ଥର ପ୍ରଥମେ ବ୍ୟାଟିଂରେ ଦଳ ୧୬୦ ରନ୍ ତଳକୁ କରିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ୪୧ ମ୍ୟାଚ୍ ମଧ୍ୟରୁ ୨୮ଟି ୧୬୦ ସ୍କୋର୍ ସଫଳତାର ସହ ଡିଫେଣ୍ଡ ହୋଇଥିଲା । ମୋଟ ୧୨ଟି ୨୦୦ ସ୍କୋର୍ ମଧ୍ୟରୁ କୌଣସି ଗୋଟିଏ ବି ଦେଶ ପଶ୍ଚାତଧାବନରେ ସଫଳ ହୋଇ ନଥିଲେ ।







# ଦୁନିଆ ଦେଖିଲା ବାପ, ପୁଅଙ୍କ ଖୁସି

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତର ଦମଦାର ବିଜୟ । ମେନ୍ ଇନ୍ ବ୍ଲୁଙ୍କ କମାଲ ଦେଖିଲା ସାରା ବିଶ୍ୱ । ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଲା ଭାରତ । ହେଲେ ଏହି ଖେଳର ମୁଖ୍ୟ ଆକର୍ଷଣ ଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ଶାହ, ତାଙ୍କ ପୁଅ ତଥା ଆଇସିସି ଚେୟାରମ୍ୟାନ୍ ଜୟ ଶାହା, ସ୍ତ୍ରୀ, ବୋହୂ, ନାତି ଷ୍ଟାଡିୟମ ଯାଇ ଖେଳ ଦେଖିଥିଲେ । ଭାରତର ଧୂଆଁଧାର ବ୍ୟାଟିଂ ହେଉ ବା ବିଜୟ ପର ମୁହୂର୍ତ୍ତ, ଶାହା ଓ ତାଙ୍କ ପରିବାର ଲୋକ ଖୁବ୍ ଉପଭୋଗ କରିଥଲେ ଏହି ମ୍ୟାଚକୁ । ବିଜୟ ପରର ମୁହୂର୍ତ୍ତ ଥିଲା ଅଧିକ ସ୍ମରଣୀୟ । ଅମିତ ଶାହ ତାଙ୍କ ନାତିଙ୍କ ସାଙ୍ଗରେ ବସିଥିବା ବେଳେ, ଆଇସିସି ଚେୟାରମ୍ୟାନ ତଥା ଶାହଙ୍କ ପୁଅ ଜୟ ଶାହ,ଭାରତର ବିଶାଳ ବିଜୟ ପରେ ବାପାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଆସିଥିଲେ । ସେ ତାଙ୍କ ବାପାଙ୍କ ସହ ହାତ ମିଳାଇବା ସହିତ ଦେଶର ଏହି ସାନଦାର ବିଜୟ ପାଇଁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ । ଖାଲି ଏତିକି ନୁହେଁ, ସାଧାରଣ ଦର୍ଶକ ଭଳି



ଅମିତ ଶାହା ଗତକାଲି ଷ୍ଟାଡିୟମର ପାଭଲିୟନରେ ବସି ମ୍ୟାଚ ଦେଖିଥିଲେ ଓ ଟିମ୍ ଇଣ୍ଡିଆ ବିଜୟ ପରେ ବେଶ୍ ଉତ୍ସାହିତ ହୋଇଥିଲେ । ଅମିତ ଶାହଙ୍କ ସାଥିରେ ଥିଲେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ । ଭୂପେନ୍ଦ୍ର ମଧ୍ୟ ଶାହାଙ୍କ ପାଖରେ ବସି ମ୍ୟାଚ ଉପଭୋଗ କରିଥିଲେ ।

ତେବେ ଏହି ବିଶାଳ ସ୍କୋରକୁ ଚେଜ୍ କରି ଆଗକୁ ବଢ଼ିବା ନ୍ୟୁଜିଲାଣ୍ଡ ପକ୍ଷରେ ସମ୍ଭବ ହୋଇପାରି ନଥିଲା । ଭାରତୀୟ ବୋଲରଙ୍କ ପ୍ରଦର୍ଶନ ମଧ୍ୟ ଥିଲା ବେଶ୍ ଚମତ୍କାର । ଦଳ ପକ୍ଷରୁ ଯଶପ୍ରୀତ ବୁମରା ୧୫ ରନ୍ ଦେଇ ୪ଟି ୱିକେଟ୍ ଓ ଅକ୍ଷର ପଟେଲ ମୁଲ୍ୟବାନ ୩ ଉଇକେଟ ହାତେଇଥିଲେ । ଶେଷରେ ମେନ୍ ଇନ୍ ବ୍ଲୁ ଲଗାତର ଦ୍ୱିତୀୟଥର ପାଇଁ ଟି-୨୦ ୱାର୍ଲଡ କପ୍ ହାସଲ କରିଥିଲା । ଜୟ ଶାହ ଟିମ୍ ଇଣ୍ଡିଆ କ୍ୟାପଟେନ୍ ସୂର୍ଯ୍ୟ କୁମାର ଯାଦବଙ୍କୁ ଓ୍ୱାର୍ଲଡ୍ କପ୍ ଟ୍ରଫି ପ୍ରଦାନ କରିଥିଲେ । ଏହାପରେ ଟ୍ରଫି ଧରି ଅହମଦାବାଦର ହନୁମାନ ମନ୍ଦିରକୁ ଟିମ୍ ଇଣ୍ଡିଆର କ୍ୟାପଟେନ୍ ସୂର୍ଯ୍ୟ କୁମାର ଯାଦବ ଏବଂ କୋଚ ଗୌତମ ଗାମ୍ଭିରଙ୍କ ସହ ଜୟ ଶାହା ଯାଇ ପୂଜାର୍ଚ୍ଚନା କରିଥିଲେ ।




**ନିକଟରେ ବିଶ୍ୱ ବିଜେତା ପାଲଟିଛନ୍ତି ଭାରତୀୟ କ୍ରିକେଟ ଦଳର ଖେଳାଳି । ଟି୨୦ ବିଶ୍ୱକପ ଜିତି ସମଗ୍ର ବିଶ୍ୱରେ ଭାରତର ନାଁକୁ ଗର୍ବିତ କରିଛନ୍ତି ସୂର୍ଯ୍ୟସେନା । ତେବେ ଏହାରି ଭିତରେ ଚର୍ଚ୍ଚିତ ଚେହେରା ପାଲଟିଛନ୍ତି କ୍ରିକେଟର ସଞ୍ଜୁ ସାମସନ । ବିଶ୍ୱକପରେ ସଞ୍ଜୁଙ୍କ ଖେଳକୁ ନେଇ ବର୍ତ୍ତମାନ ସବୁଠାରେ ଚର୍ଚ୍ଚା ।**

# ସଞ୍ଜୁଙ୍କ ଦଳରଡ୍ପା

ଗତ ୮ ତାରିଖରେ ଟି୨୦ ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ବିଶ୍ୱବିଜେତା ପାଲଟିଥିଲା ଭାରତୀୟ ଦଳ । ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ତୃତୀୟଥର ପାଇଁ ଟି୨୦ ବିଶ୍ୱକପ ଜିତିବାରେ ସଫଳ ହୋଇଛି । ତେବେ ସମସ୍ତ ଖେଳାଳି ପ୍ରଶଂସା ସାଉଁଟୁଥିବାବେଳେ ଚର୍ଚ୍ଚାରେ ରହିଛନ୍ତି ସଞ୍ଜୁ ସାମସନ । ବିଶ୍ୱକପ୍ ବିଜେତା ଭାରତୀୟ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିଲେ ସଞ୍ଜୁ । ଏହି ବିଶ୍ୱକପ୍ ସଫଳତା ସଞ୍ଜୁଙ୍କ କ୍ୟାରିୟର ପାଇଁ ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ଥିଲା, ଯାହା ତାଙ୍କୁ ଜଣେ ବିଶ୍ୱସ୍ତରୀୟ ଖେଳାଳି ଭାବେ ସ୍ୱୀକୃତି ପ୍ରଦାନ କରିଛି । ଭାରତୀୟ କ୍ରିକେଟ ଜଗତର ଅନ୍ୟତମ ପ୍ରତିଭାଶାଳୀ ତଥା ଲୋକପ୍ରିୟ ୱିକେଟକିପର ବ୍ୟାଟର ସଞ୍ଜୁ ସାମସନଙ୍କ ଜୀବନ କାହାଣୀ ସଂଘର୍ଷ, ଧୈର୍ଯ୍ୟ ଏବଂ ଅଦମ୍ୟ ଇଚ୍ଛାଶକ୍ତିର ଏକ ପ୍ରେରଣାଦାୟୀ ଉଦାହରଣ । ୧୧ ନଭେମ୍ବର ୧୯ ୯୪ରେ କେରଳର ପୁଲ୍ଲୁଭିଲାଠାରେ ଜନ୍ମଗ୍ରହଣ କରିଥିବା ସଞ୍ଜୁଙ୍କ କ୍ରିକେଟ ଯାତ୍ରା ଦିଲ୍ଲୀରୁ ଆରମ୍ଭ ହୋଇଥିଲା । ଏଠାରେ ତାଙ୍କ ପିତା ବିଶ୍ୱନାଥ ସାମସନ ଦିଲ୍ଲୀ ପୋଲିସରେ କାର୍ଯ୍ୟ କରୁଥିଲେ ଏବଂ ନିଜ ପୁଅର କ୍ରିକେଟ ପ୍ରତି ଥିବା ରୁଚିକୁ ଦେଖି ସେ ତାଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବା ପାଇଁ ସବୁପ୍ରକାର ଚେଷ୍ଟା କରିଥିଲେ । ପରବର୍ତ୍ତୀ ସମୟରେ ଉତ୍ତମ ସୁଯୋଗ ଆଶାରେ ସେମାନେ କେରଳ ଫେରିଆସିଥିଲେ ଏବଂ ସେଠାରେ ସଞ୍ଜୁ ନିଜର ବ୍ୟାଟିଂ ଶୈଳୀ ଓ ଚମତ୍କାର ୱିକେଟକିପିଂ ଜରିଆରେ ଖୁବ୍ ଶୀଘ୍ର ଘରୋଇ କ୍ରିକେଟରେ ନିଜର ପରିଚୟ ସୃଷ୍ଟି କରିଥିଲେ । ମାତ୍ର ୧୮ ବର୍ଷ ବୟସରେ ରାଜସ୍ଥାନ ରୟାଲ୍ସ ପାଇଁ ଆଇପିଏଲ୍‌ରେ ପଦାର୍ପଣ କରି ସେ ସାରା ବିଶ୍ୱର ଖେଳପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିଜର ବ୍ୟାଟିଂ ପାଇଁ ସେ 'ନେକ୍ସଟ୍ ବିଗ୍ ଥିଙ୍ଗ୍' ଭାବେ ପରିଗଣିତ ହୋଇଥିଲେ । ଯଦିଓ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ତାଙ୍କୁ ଦୀର୍ଘ ଦିନ ଧରି ଅପେକ୍ଷା କରିବାକୁ ପଡ଼ିଥିଲା ଏବଂ ଅନେକ ସମୟରେ ଦଳରୁ ବାଦ୍ ପଡ଼ି ମଧ୍ୟ ସେ ହାର୍ ନମାନି ନିଜର ପରିଶ୍ରମ ଜାରି ରଖିଥିଲେ । ଯାହାରଫଳ ସେ ନିଜର ପ୍ରଥମ ବିଶ୍ୱକପ ସିରିଜରେ ପାଇଛନ୍ତି, ବିଜୟୀଦଳର ଅଂଶଭାବେ ତାଙ୍କ ସଫଳତାର ବହିରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି । ସଞ୍ଜୁ ସାମସନ ବର୍ତ୍ତମାନ କୋଟି କୋଟି ଯୁବ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ରୋଲ୍ ମଡେଲ୍ ପାଲଟିଛନ୍ତି । ଏହି ଖେଳକୁ ନିଜର କ୍ୟାରିୟରଭାବେ ଗ୍ରହଣ କରିବାକୁ ଆଗେଇ ଆସୁଥିବା ସମସ୍ତ ଯୁବପ୍ରତିଭାଙ୍କ ପାଇଁ ସେ ବର୍ତ୍ତମାନ ପ୍ରେରଣା ପାଲଟିଛନ୍ତି ।